**ସଂକ୍ଷେପରେ**

## ବିଜ୍ଞାନ ଉପକରଣ ଅର୍ଥ ଆତ୍ମସାତ୍ ମାମଲା କୋର୍ଟରେ ବୟାନ୍ ଦେଲେ ଏସ୍ଏମ୍ସି ସଭାପତି

**ବ୍ରହ୍ମପୁର ଅଫିସ୍,୧୮।୧:** ବ୍ରହ୍ମପୁର ସହରସ୍ଥିତ ସିଟି ହାଇସ୍କୁଲରେ ବିଜ୍ଞାନ ଉପକରଣ ଅର୍ଥ ଆତ୍ମସାତ ମାମଲାର ବିଚାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଚାଲିଛି। ଶୁକ୍ରବାର ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମସି) ସଭାପତି ପି.ସତ୍ୟନାରାୟଣ କୋର୍ଟରେ ହାଜର ହୋଇ ନିଜ ବୟାନ୍ ଦେଇଛନ୍ତି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସମ୍ମୁଖରେ ଘଟଣା ସମ୍ପର୍କରେ ସେ ସବିଶେଷ କହିଥିଲେ। ସ୍ୱତନ୍ତ୍ର ପିପି ତପନ କୁମାର ଦାସ ବିଭିନ୍ନ ଯୁକ୍ତି ବାଢ଼ିଥିଲେ । ଅଭିଯୁକ୍ତ ତତ୍କାଳୀନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ମହାରଣା ମଧ୍ୟ କୋର୍ଟରେ ହାଜର ହୋଇଥିଲେ। ଫେବୃଆରୀ ମାସରେ ଏହି ମାମଲାର ପରବର୍ତ୍ତୀ ବିଚାର ଦିନ ଧାର୍ଯ୍ୟ ପାଇଁ ଅଦାଲତ ଆଦେଶ ଦେଇଛନ୍ତି। ଏହି ମାମଲାରେ ପୂର୍ବରୁ ୭ ଜଣ ସାକ୍ଷ୍ୟ ଦେଇସାରିଛନ୍ତି।

ପ୍ରକାଶ ଯେ, ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ୍ କଲାମ୍ ବ୍ରହ୍ମପୁର ସିଟି ହାଇସ୍କୁଲରେ ବିଜ୍ଞାନ ଉପକରଣ କ୍ରୟ କରିବା ପାଇଁ ୧୦ ଲକ୍ଷ ଟଙ୍କା ଅନୁମୋଦନ କରିଥିଲେ । ଉକ୍ତ ଟଙ୍କାକୁ ତତ୍କାଳୀନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆତ୍ମସାତ କରିଦେଇଥିବା ଅଭିଯୋଗ ଆସିବା ପରେ ଭିଜିଲାନ୍ସ ପକ୍ଷରୁ ନଂ.୩/୧୧ରେ ମାମଲା ରୁଜୁ ହୋଇ ତଦନ୍ତ କରାଯାଇଥିଲା । ୨୦୧୧ ଜାନୁୟାରୀ ୧୨ ତାରିଖରେ ଅଭିଯୁକ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ପରେ ସେ ଜାମିନରେ ଆସିଥିଲେ । ଏହି ମାମଲା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାର ଚାଲିଥିବା ବେଳେ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ମାଗୁଣୀ ଚନ୍ଦ୍ର ପଲାଇ ଏବଂ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ତପନ କୁମାର ଦାସ ମାମଲା ପରିଚାଳନା କରୁଛନ୍ତି।

## ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ୍,୧୮।୧:** ସ୍ଥାନୀୟ ମହାମାୟୀ ମହିଳା ମହାବିଦ୍ୟାଳୟରେ ୫ ତାରିଖରୁ ଚାଲିଥିବା ଆତ୍ମସୁରକ୍ଷା ତାଲିମ୍ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି । ମହାବିଦ୍ୟାଳୟର ଏନ୍ଏସ୍ଏସ୍ ଏଥିରେ ସହଯୋଗ କରିଥିଲା । ୩୭୦ ଛାତ୍ରୀ ଆତ୍ମ ସୁରକ୍ଷା କୌଶଳ ତାଲିମ୍ ଗ୍ରହଣ କରିଥିଲେ। ସନ୍ଧ୍ୟାରାଣୀ ମହାରଣା, ଲକ୍ଷ୍ମୀପ୍ରିୟା ସାହୁ ଏବଂ ଉଷାରାଣୀ ପାତ୍ର ତାଲିମ୍ ପ୍ରଦାନ କରିଥିଲେ। କୌଣସି ଅସାମାଜିକ ବ୍ୟକ୍ତିଙ୍କ କବଳରୁ କିଭଳି ମୁକୁଳି ହେବ ସେ ସମ୍ପର୍କରେ ତାଲିମ୍ ଦିଆଯାଇଥିଲା । ସଂଯୋଜିକା ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କ କହିବାନୁଯାୟୀ, ଏହା ଦ୍ୱିତୀୟ ଦଫା ତାଲିମ୍ କାର୍ଯ୍ୟକ୍ରମ। ଡିସେମ୍ବର ୫ରୁ ୧୮ତାରିଖ ମଧ୍ୟରେ ପ୍ରଥମ ଦଫା ଆୟୋଜିତ ହୋଇଥିଲା । ସେଥିରେ ୩୬୦ ଛାତ୍ରୀ ଭାଗନେଇଥିଲେ । ଆସନ୍ତା ୨୧ତାରିଖ ଠାରୁ ତୃତୀୟ ଦଫା ତାଲିମ୍ ଶିବିର ଆୟୋଜନ କରାଯିବ। ସେଥିରେ ୯୦ ଛାତ୍ରୀ ଭାଗନେବେ।



■ ଗଞ୍ଜାମ ଜିଲା ଭାଜପାର ଅଭିଯୋଗ

# କମିଶନରେଟ୍ ପୋଲିସ ଗଠନ ପ୍ରସ୍ତାବରେ ସୀମିତ

**ବ୍ରହ୍ମପୁର ଅଫିସ,୧୮।୧**

■ହୁଗୁଳା ହୋଇଯାଇଛି ମହାନଗର ଆଇନ ଶୃଙ୍ଖଳା
■ଜାନିବିଲି ଜଳଯୋଗାଣ, ବିଏମସି ଦୁର୍ନୀତିର ତଦନ୍ତ ଦାବି
■୫ରେ ଆରଡିସି ଅଫିସ ଘେରାଉ

ବ୍ରହ୍ମପୁରରେ ଆଇନଶୃଙ୍ଖଳା ହୁଗୁଳା ହୋଇଯାଇଛି । ଅପରାଧୀଙ୍କୁ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ ହୋଇଛି। ନାରୀ ନିର୍ଯ୍ୟାତନା ଓ ଶିଶୁ ହତ୍ୟା ଭଳି ଲୋମଟାଙ୍କୁରା ଘଟଣା ବଢ଼ିଚାଲିଛି । ତେଣୁ ରେଶମ ନଗରୀ ବ୍ରହ୍ମପୁରକୁ କମିଶନରେଟ ପୋଲିସ କରିବା ପାଇଁ ଗଞ୍ଜାମ ଜିଲା ଭାଜପା ଦାବି କରିଛି । ୨ ଦିନ ତଳେ ଜିଲା କଂଗ୍ରେସ ଏହି ଦାବି କରିଥିବା ବେଳେ ପୁଣି ଜିଲା ଭାଜପା ପ୍ରସଙ୍ଗ ଉଠାଇଥିବାରୁ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଥିବା ସ୍ପଷ୍ଟ ହୋଇଛି । ଶୁକ୍ରବାର ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି କାହ୍ନୁ ଚରଣ ପତି କହିଛନ୍ତି, ବ୍ରହ୍ମପୁର ମହାନଗର ନିଗମ ଗଠନର ୧୦ ବର୍ଷ ପୂରିଛି । ନିୟମ ପ୍ରକାରେ କମିଶନରେଟ ପୋଲିସ ଗଠନରେ ବିଜେଡି ସରକାର ଆଖି ବୁଜି ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିଶ୍ରୁତି ମଧ୍ୟ ପ୍ରତାରଣାରେ ପରିଣତ ହୋଇଛି । ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ବିଧାନସଭା ୧ନଂ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଅଛନ୍ତି । ଏହି କମିଟି ଅଧୀନରେ ଗୃହ ବିଭାଗ ରହିଛି । ତେବେ ବିଧାୟକ ଏ ଦିଗରେ ଉଦ୍ୟମ କରୁ ନଥିବା ତାଙ୍କ ଅପାରଗତାକୁ ପଦାରେ ପକାଇଛି । ଏହି ପ୍ରସଙ୍ଗରେ ଭାଜପା ମହାନଗରବାସୀଙ୍କୁ ନେଇ ଆନ୍ଦୋଳନ ଚଳାଇବ ବୋଲି ପତି କହିଛନ୍ତି ।

ସେ ଆହୁରି କହିଥିଲେ ମହାନଗରରେ ପିଇବା ପାଣି ସଙ୍କଟ ଲାଗି ରହିଛି । ଲୋକଙ୍କୁ ଭୂଆଁ ବୁଲାଇବା ପାଇଁ ଜାନିବିଲି ପ୍ରକଳ୍ପ ନିର୍ମାଣ ଆରମ୍ଭ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ୨୦୧୮ ନଭେମ୍ବର ୩୦ର ଦୁଇ ବର୍ଷ ପୁରିଛି । ମନ୍ଥର ଗତିରେ ଚାଲିଛି କାର୍ଯ୍ୟ । ଜାନିବିଲି ଡ୍ୟାମଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ମନଇଚ୍ଛା ରାସ୍ତା କଡ଼ ଖୋଳାଯାଇଥିବାରୁ ବିପଦପୂର୍ଣ୍ଣ ଭାବେ ଯାନବାହନ ଚଳାଚଳ କରୁଛି। ପାଇପ ବିଛାଇବା ପାଇଁ ମହାନଗରର ସବୁ ସାହି ଖୋଳାଯାଇ ସବୁଠି ଗଦା ଗଦା ପାଇପ ରଖାଯାଇଛି । ଫଳରେ ସହରରେ ଦୁର୍ଘଟଣା ନିତିଦିନିଆ ହୋଇଛି । ଜଣେ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇ ହରିଲୁଟ କରାଯିବାର ବାଟ ଫିଟିଛି । ମୂଳ ବ୍ୟୟ ଅଟକଳ ବୃଦ୍ଧି ନିମନ୍ତେ ପ୍ରୟାସ ଚାଲିଥିବା ଭାଜପା ଆଉ ଏକ ଅଭିଯୋଗ ଯୋଡ଼ିଛି । ମହାନଗରର ସ୍ୱାଭିମାନ ରାମଲିଙ୍ଗମ ପୋଖରୀ ପୁନରୁଦ୍ଧାର, ଆଧୁନିକୀ ଓ ସୌନ୍ଦର୍ଯ୍ୟକରଣ ପାଇଁ ୨୦୧୬ ଫେବୃଆରୀ ୨ରେ ମୁଖ୍ୟମନ୍ତ୍ରୀ ଶୁଭ ଦେଇଥିଲେ । ଏହାର ୩ ବର୍ଷ ବିତିବାକୁ ଯାଉଥିବା ବେଳେ ୫୦ ପ୍ରତିଶତ କାମ ହୋଇନାହିଁ । କେବେ ସରିବ ତାହା ମଧ୍ୟ ଅନିଶ୍ଚିୟତା ହୋଇଛି । ଏହାର ମଧ୍ୟ ବ୍ୟୟ ଅଟକଳ ବଢ଼ାଇବାର ମସୁଧା ଚାଲିଥିବା ପତି ଅଭିଯୋଗ କରିଛନ୍ତି । ବିଏମସି ପକ୍ଷରୁ ରାଜୀବ ଆବାସ ଯୋଜନାରେ ନିର୍ମିତ ବାସଗୃହ ଗୁଡ଼ିକ ନିମ୍ନମାନର ଯୋଗୁଁ ଏବେ ପଲସ୍ତରା ଖସୁଛି । ଅନ୍ୟପକ୍ଷରେ ହଜାରେରୁ ଅଧିକ ଘର ଚିହ୍ନଟ ହିତାଧିକାରୀଙ୍କୁ ଦିଆଯାଇନାହିଁ । କମନ ଓ ପବ୍ଲିକ ଟଏଲେଟ ନିର୍ମାଣରେ ମଧ୍ୟ ଅନିୟମିତତା ହୋଇଛି ଏବଂ ଅଧିକାଂଶ ଟଏଲେଟ ଶାସକ ଦଳର ଲୋକେ ପରିଚାଳନା ଦାୟିତ୍ୱ ନେଇଛନ୍ତି । ଜାନିବିଲି ପ୍ରକଳ୍ପ ଏବଂ ବିଏମସିର ମହାଦୁର୍ନୀତିର ତଦନ୍ତ ଦାବି ନେଇ ଫେବୃଆରୀ ୫ରେ ଆରଡିସି ଅଫିସ ଘେରାଉ କରାଯିବ ବୋଲି ଭାଜପା ଘୋଷଣା କରିଛି ।

କମିଶନରେଟ ପୋଲିସ ଗଠନ ନେଇ ଜିଲା ଭାଜପା ସଭାପତିଙ୍କ ଅଭିଯୋଗ ସମ୍ପର୍କରେ ବିଧାୟକ ଚ୍ୟାଉ ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଛନ୍ତି, କମିଶନରେଟ ପୋଲିସର ପ୍ରସ୍ତାବ ରହିଛି । ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ସୂଚନା ଦେଇଛନ୍ତି ।



ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଓ ଅନ୍ୟମାନେ ।

## ଜୈବିକ ଚାଷ ସଚେତନତା କାର୍ଯ୍ୟକ୍ରମ



**ବ୍ରହ୍ମପୁର ଅଫିସ,୧୮।୧**

ସାମାଜିକ ଅନୁଷ୍ଠାନ 'ପ୍ରୋଗ୍ରେସ' ପକ୍ଷରୁ ସୋରଡା ବ୍ଲକ ଗେଞ୍ଜା ପଞ୍ଚାୟତ ସାପୁଆପଲ୍ଲୀଠାରେ ଜୈବିକ ଚାଷ ପ୍ରଣାଳୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷି ବିକାଶ ଯୋଜନା ପକ୍ଷରୁ ସୁଜିତ ପଟ୍ଟନାୟକ ବକ୍ତା ଭାବେ ଯୋଗଦେଇ ଜୈବିକ ପଦ୍ଧତିରେ ଚାଷର ଉପଯୋଗିତା ଉପରେ ଆଲୋକପାତ କରିଥଲେ । ଜୈବିକ ଚାଷର ଉପକାରିତା ଓ ବିଭିନ୍ନ ବିଜ୍ଞାନ ସମ୍ମତ ପ୍ରଣାଳୀକୁ ଚାଷୀମାନେ ଆପଣାଇ କିପରି ଲାଭବାନ ହୋଇପାରିବେ ତାହା ବୁଝାଯାଇଥିଲା । କାର୍ଯ୍ୟକ୍ରମରେ ନିକଟବର୍ତ୍ତୀ ବିଭିନ୍ନ ଅଞ୍ଚଳରୁ ୬୦୦ରୁ ଉର୍ଦ୍ଧ୍ୱ ଚାଷୀ ଓ ସ୍ଥାନୀୟ ଜନପ୍ରତିନିଧି, ଅଙ୍ଗନୱାଡି କର୍ମୀ, ମହିଳା ସହାୟିକା ଗୋଷ୍ଠୀ ଯୋଗଦେଇଥିଲେ ।।

# ୧୧୧ ଜଣଙ୍କ ସାମୂହିକ ବ୍ରତୋପନୟନ


ସାମୂହିକ ବ୍ରତୋପନୟନ କରାଯାଉଛି।

**ବ୍ରହ୍ମପୁର ଅଫିସ,୧୮।୧**

ଗୋଷାଣୀ ନୂଆଗାଁସ୍ଥିତ ଉତ୍ତରେଶ୍ୱର ମନ୍ଦିର ପରିସରରେ ସାମୁହିକ ବ୍ରତୋପନୟନ କମିଟି ପକ୍ଷରୁ ଗରିବ ବ୍ରାହ୍ମଣ ପରିବାରର ନୂତନ ବ୍ରହ୍ମଚାରୀମାନଙ୍କ ବ୍ରତୋପନୟନ ଶୁକ୍ରବାର କରାଯାଇଛି । ୬ଷ୍ଠ ଥର ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଚଳିତଥର ୧୧୧ ନୂତନ ବ୍ରହ୍ମଚାରୀଙ୍କ ସାମୂହିକ ବ୍ରତୋପନୟନ କରାଯାଇଛି। ଓଡିଶା ସମେତ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଛତିଶଗଡରୁ ବହୁ ବ୍ରାହ୍ମଣ ପରିବାର ଏଥିରେ ଯୋଗଦେଇଥିବା କମିଟି ପକ୍ଷରୁ କୁହାଯାଇଛି । ଗଞ୍ଜାମ ଜିଲା ବ୍ରାହ୍ମଣ ସମାଜର ସଭାପତି ଉମାବଲ୍ଲଭ ଦାଶ ମୁଖ୍ୟ ପୁରୋହିତ ଭାବେ ଯୋଗଦେଇଥିବା ବେଳେ ସମାଜର ଜିଲା ପର୍ଯ୍ୟବେକ୍ଷକ ଅକ୍ଷୟ କୁମାର ପାଢୀ, ଉପସଭାପତି ନରସିଂହ ପାଢୀ, ଅଶୋକ ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆବାହକ ପଞ୍ଚାନନ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲିଟୁ ପଣ୍ଡା, ରାମଚନ୍ଦ୍ର ସାହୁ, ସନ୍ତୋଷ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ୧ ହଜାରରୁ ଉର୍ଦ୍ଧ୍ୱ ମହିଳା ନୂତନ ବ୍ରହ୍ମଚାରୀମାନଙ୍କ ପାଦପୂଜାରେ ସାମିଲ ହୋଇଥିଲେ। ପରେ ନୂତନ ବ୍ରହ୍ମଚାରୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ମନ୍ଦିର ପରିସରରୁ ବାହାରିଥିଲା। ମନ୍ଦିର ପରିସରରେ ଆୟୋଜକଙ୍କ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଏଥିରେ ଗୋଷାଣୀନୂଆଗାଁବାସୀ ସହଯୋଗ କରିଥିଲେ ।

## ଡିଏଲ୍ଏସ୍ଏର ହସ୍ତକ୍ଷେପ : ୬୫ ଜଣଙ୍କ ବାର୍ଦ୍ଧକ୍ୟ ଭତ୍ତା ଅନୁମୋଦନ

**ବ୍ରହ୍ମପୁର ଅଫିସ୍,୧୮।୧**

ଜିଲା ଆଇନ ସେବା ପ୍ରାଧିକରଣ କମିଟି (ଡିଏଲଏସଏ)ର ହସ୍ତକ୍ଷେପ ପରେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକର ୬୫ ହିତାଧିକାରୀଙ୍କ ବାର୍ଦ୍ଧକ୍ୟ ଭତ୍ତା ପାଇଁ ପ୍ରଶାସନ ପକ୍ଷରୁ ଅନୁମୋଦନ ହୋଇଛି । ପାତ୍ରପୁର ବ୍ଲକର ତୁମ୍ବାଗଡ, ବୁରୁତାଲ, ତୁରୁବୁଡି, ଆଙ୍କୁଲି ଆଦି ଆଦିବାସୀ ଅଧୁଷିତ ଅଞ୍ଚଳର ୬୫ ବୃଦ୍ଧାବୃଦ୍ଧ ବାର୍ଦ୍ଧକ୍ୟ ଭତ୍ତା ହୋଇ ନଥିବା ପ୍ରାଧିକରଣ କାର୍ଯ୍ୟାଳୟକୁ ଖବର ଆସିଥିଲା । ଉକ୍ତ ହିତାଧିକାରୀମାନଙ୍କୁ ସରକାରୀ ସୁବିଧା ଯୋଗାଇଦେବା ପାଇଁ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ପାତ୍ରପୁର ବିଡିଓ ଏବଂ ବ୍ରହ୍ମପୁର ଉପଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ । ପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଭତ୍ତା ପ୍ରଦାନ ନିମନ୍ତେ ଅନୁମୋଦନ ହୋଇଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା ୩୬୦ ପ୍ରକାରେ ପ୍ରାଧିକରଣ କାର୍ଯ୍ୟାଳୟକୁ ସୂଚନା ଦିଆଯାଇଛି।

## ଲାଞ୍ଚ ନେଇ ଧରା ପଡ଼ିଥିଲେ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ଏଆର୍ଆଇ

**ବ୍ରହ୍ମପୁର ଅଫିସ୍,୧୮।୧**

ଘରପୋଡି ପରେ ପଟ୍ଟାର ନକଲ ଦେବାକୁ ଟଙ୍କା ନେଇ ଭିଜିଲାନ୍ସ ହାତରେ ଧରା ପଡ଼ିଥିବା ଏଆର୍ଆଇ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଇଶାନ କୁମାର ଦାସ ପ୍ରମାଣ ଅଭାବରୁ ଏଆର୍ଆଇ ଗଜପତି ଜିଲା ମୋହନା ତହସିଲ ଅଧୀନ ଚନ୍ଦ୍ରଗିରି ଗ୍ରାମର କେ. ଧନୁ ସେଠୀଙ୍କୁ ଶୁକ୍ରବାର ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମୋହନା ତହସିଲ ଚନ୍ଦ୍ରଗିରି ସର୍କଲର ବାହାଡାପଦା ଗ୍ରାମର କୈଳାସ ମଣ୍ଡଳଙ୍କ ଘରପୋଡି ବେଳେ ଘରପଟ୍ଟା ପୋଡି ଯାଇଥିଲା। ପଟ୍ଟାର ନକଲ ପାଇଁ ସେ ତହସିଲରେ ଆବେଦନ କରିଥିଲେ । ସେ ସମୟରେ ଚନ୍ଦ୍ରଗିରି ସର୍କଲରେ ଭାରପ୍ରାପ୍ତ ଆର୍ଆଇ ଭାବେ ଥିବା ଏଆର୍ଆଇ ଧନୁ ଏଥିପାଇଁ ଲାଞ୍ଚ ମାଗିଥିଲେ । ଏ ନେଇ କୈଳାସ ବ୍ରହ୍ମପୁରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଜଣାଇଥିଲେ। ୨୦୧୫ ଜୁନ୍ ୩୦ ତାରିଖରେ କୈଳାସଙ୍କ ଠାରୁ ୧ ହଜାର ଟଙ୍କା ନେବା ପରେ ଏଆର୍ଆଇ ଧନୁଙ୍କୁ ଭିଜିଲାନ୍ସ କର୍ମଚାରୀ କାବୁ କରି କୋର୍ଟ ଚାଲାଣ କରିଥିଲେ। ପରେ ଧନୁ ଜାମିନରେ ମୁକୁଳିଥିଲେ । ଭିଜିଲାନ୍ସ ବିଭାଗ ପକ୍ଷରୁ କୋର୍ଟରେ ଚାର୍ଜଶିଟ୍ ଦାଖଲ ପରେ ବିଚାର ଆରମ୍ଭ ହୋଇଥିଲା । ୧୦ ସାକ୍ଷୀଙ୍କ ବୟାନ୍ ଗ୍ରହଣ କରାଯାଇଥିଲା । ତେବେ ଉପଯୁକ୍ତ ପ୍ରମାଣ ଅଭାବରୁ ଧନୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ କୋର୍ଟ ରାୟ ଦେଇଥିବା ଆଇନଜୀବୀ କୁମାରକାନ୍ତ ବେହେରା ଓ ରମେଶ ଚନ୍ଦ୍ର ନାହାକ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, କେ.ଧନୁ ବର୍ତ୍ତମାନ ଆର୍.ଉଦୟଗିରି ତହସିଲ ଅଧିନ ମହେନ୍ଦ୍ରଗଡ ସର୍କଲରେ ଆର୍ଆଇ ଭାବେ କାର୍ଯ୍ୟ କରୁଛନ୍ତି ।

## ରେଲ୍‌ୱେ ପରାମର୍ଶଦାତା କମିଟି ବୈଠକ

**ବ୍ରହ୍ମପୁର ଅଫିସ୍,୧୮।୧**

ବ୍ରହ୍ମପୁର ରେଲ୍‌ୱେ ଷ୍ଟେଶନ୍ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଶୁକ୍ରବାର ରେଲ୍‌ୱେ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ରୋଡ୍ ଜଙ୍କଶନର ସହକାରୀ ବାଣିଜ୍ୟ ପରିଚାଳକ (ଏସିଏମ୍) ଦୀନବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ରହ୍ମପୁର ରେଳ ଷ୍ଟେଶନ୍‌ର ଷ୍ଟେଶନ୍ ମାଷ୍ଟର୍ ମନୋଜ କୁମାର ଲାକ୍ରା, ସେକ୍ସନ ଯନ୍ତ୍ରୀ ଭେଙ୍କେଟ ରାଓ, ସପନ କୁମାର ସାହୁ, ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଏମ୍.ଗୋପାଳକ୍ରିଷ୍ଣା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବ୍ରହ୍ମପୁର ରେଳଷ୍ଟେଶନ ପ୍ଲାଟଫର୍ମ ଗୁଡିକରେ ୨୪ ଘଣ୍ଟିଆ ଔଷଧ ଦୋକାନ ଖୋଲିବା, ୨ ଓ ୩ ନଂ ପ୍ଲାଟଫର୍ମ ଗୁଡିକରେ ବିଶ୍ରାମାଗାର, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା କରିବା, ୪ନଂ ପ୍ଲାଟଫର୍ମକୁ ଅଧିକ ସକ୍ରିୟ କରାଯିବା ଉପରେ ଆଲୋଚନା ହୋଇଥିଲା । ବିଶେଷକରି ଟିକେଟ କାଉଣ୍ଟରରେ ଯାତ୍ରୀ ମାନଙ୍କର ଭିଡକୁ ନିୟନ୍ତ୍ରଣ କରିବା ପାଇଁ ଆର୍‌ପିଏଫ୍ ମୁତୟନ କରିବା ଏବଂ ପାସେଞ୍ଜର ଟ୍ରେନ୍ ଗୁଡିକର ନିୟମିତ ଯାତାୟତ କରିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା । ପୁରୀ-ଅହମଦାବାଦ୍ ଏକ୍ସପ୍ରେସ୍ ଟ୍ରେନ୍‌କୁ ନିୟମିତ କରିବା ସହ ବ୍ରହ୍ମପୁର ଦେଇ ଯାଉଥିବା ପୁରୀ-ମୁମ୍ବାଇ ରାସ୍ତାରେ ଆଉ ଏକ ଟ୍ରେନ୍ ଚଳାଚଳ କରିବା ନେଇ ଆଲୋଚନା କରାଯାଇଥିଲା । ବୈଠକରେ ରେଲ୍‌ୱେ ପରାମର୍ଶ ଦାତା କମିଟି ସଦସ୍ୟ ପୂର୍ବତନ କର୍ପୋରେଟର୍ ରଞ୍ଜିତ୍ ପଟ୍ଟନାୟକ, ଜ୍ୟୋତି ସୁବୁଦ୍ଧି, ଆଇନଜୀବୀ ଶିବ ପ୍ରସାଦ ମିଶ୍ର, ଏମ୍.ଡି ଆସଲମ୍, କେ.ସୁରେଶ କୁମାର, ପ୍ରଶାନ୍ତ ଦାସ, ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଆଲୋଚନା ଚାଲିଛି।

## ୩୦ ବସ୍ତା ପାଣିପାଉଚ ଜବତ

**ବ୍ରହ୍ମପୁର ଅଫିସ,୧୮।୧**

ବ୍ରହ୍ମପୁର ମହାନଗରରେ ପାଣିପାଉଚ ବିକ୍ରି ଉପରେ ରୋକ ଲଗାଯାଇଛି । ତଥାପି ସହରକୁ ବେଧଡକ ପାଣିପାଉଚ ବିକ୍ରି ପାଇଁ ଆସୁଥିବା ଦେଖାଯାଉଛି। ଶୁକ୍ରବାର ଆଙ୍କୁଶପୁରରୁ ଫାଷ୍ଟଗେଟ ଦେଇ ସହର ମଧ୍ୟକୁ ଆସୁଥିବା ପାଣିପାଉଚ ବୋଝେଇ ଗାଡ଼ିକୁ ବ୍ରହ୍ମପୁର ମହାନଗର ନିଗମ(ବିଏମସି) ପକ୍ଷରୁ ଜବତ କରାଯାଇଥିଲା । ଆସ୍କାରୋଡ ଦେଇ ଆସୁଥିବା ଏହି ଗାଡିରୁ ୩୦ ବସ୍ତା ପାଣିପାଉଚ ବସ୍ତା ଜବତ କରାଯାଇଛି। ଏ ବାବଦରେ ୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ବିଏମସି ଏନଫୋର୍ସମେଣ୍ଟ ଅଫିସର ତରୁଣକାନ୍ତ ସୂଚନା ଦେଇଛନ୍ତି ।

■ଡା.ଏନ୍.ସି. ଦଣ୍ଡପାଟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

## ଫାଇନାଲରେ ଆୟୋଜକ ଲିଡ୍‌ସ ସ୍ପୋର୍ଟିଂ

**ବ୍ରହ୍ମପୁର ଅଫିସ୍,୧୮।୧**

ବ୍ରହ୍ମପୁର ଷ୍ଟାଡିୟମ୍ ଠାରେ ଚାଲିଥିବା ଦ୍ୱିତୀୟ ଡା. ଏମ୍.ସି. ଦଣ୍ଡପାଟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ୍‌ରେ ପ୍ରଥମ ଦଳ ଭାବେ ଆୟୋଜକ ଲିଡ୍‌ସ ସ୍ପୋର୍ଟିଂ କ୍ଲବ ପ୍ରବେଶ କରିଛି । ଶୁକ୍ରବାର ପ୍ରଥମ ସେମିଫାଇନାଲ୍ ମ୍ୟାଚ ଲିଡ୍‌ସ ଏବଂ ଜୁନିୟର୍ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଲିଡ୍‌ସ ଦଳ ୩୦ଓଭରରେ ୬ ଉଇକେଟ ହରାଇ ୨୪୨ରନ କରିଥିଲା । ଦଳ ତରଫରୁ ଜିତେନ୍ଦ୍ର ତ୍ରିପାଠୀ ୬୬ଟି ବଲ୍‌ରେ ଧୁଆଁଧାର ୧୦୮ରନ୍ କରିଥିଲେ। ସତ୍ୟବ୍ରତ ସାହୁ ୪୫ ଏବଂ ସିଦ୍ଧାନ୍ତ ୩୧ରନ୍ କରିଥିଲେ । ଜୁନିୟର୍ କ୍ରିକେଟ କ୍ଲବ ଆବଶ୍ୟକ ରନ୍‌ର ପିଛା କରି ୨୯ଓଭର୍ ୨ଟି ବଲ୍‌ରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୪୩ରନ୍ କରି ପରାସ୍ତ ହୋଇଛି। ଦଳ ତରଫରୁ ବାସୁଦେବ ସାହୁ ୫୫ରନ୍ କରିଥିଲେ ମଧ୍ୟ ମ୍ୟାଚ୍‌କୁ ଜିତାଇ ପାରି ନ ଥିଲେ । ଶତକୀୟ ଇନିଂସ ପାଇଁ ଲିଡ୍‌ସର ଜିତେନ୍ଦ୍ର ତ୍ରିପାଠୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ପ୍ରସନ୍ନ କୁମାର ପାଢ଼ୀ ଏବଂ ଜଗନ୍ନାଥ ରାଓ ମ୍ୟାଚ୍ ପରିଚାଳନା କରିଥିଲେ । ସନ୍ଦୀପ କୁମାର ମୂର୍ତ୍ତି ସ୍କୋରର ରହିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ ଅକ୍ସଫୋର୍ଡ଼ କ୍ରିକେଟ କ୍ଲବ ଏବଂ ଖଲ୍ଲିକୋଟ ଲିଡ୍‌ସ ବ୍ଲୁ ମଧ୍ୟରେ ଖେଳାଯିବ ।



ଜିତେନ୍ଦ୍ର ତ୍ରିପାଠୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଉଛି ।

# ମଧୁମେହ ପଞ୍ଚାୟତ କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ୍,୧୮।୧**

ଭାରତକୁ ବର୍ତ୍ତମାନ ବିଶ୍ୱର ମଧୁମେହ ରାଜଧାନୀ ରୂପେ ପରିଗଣିତ କରାଯାଉଛି। ଦେଶର ପ୍ରାୟ ୧୧ପ୍ରତିଶତ ଲୋକ ଏହି ଜୀବନଶୈଳୀ ଅବ୍ୟବସ୍ଥାଜନିତ ସମସ୍ୟାରେ ଆକ୍ରାନ୍ତ। ପ୍ରତ୍ୟେକସ୍ତରରେ ମଧୁମେହର ମୁକାବିଲା ପାଇଁ ଆଲୋଚନା ହେଉଛି। ବ୍ରହ୍ମପୁରରେ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି ଡାଏବେଟିସ୍ ଆଣ୍ଡ ଏଣ୍ଡୋକେୟାର୍ କ୍ଲିନିକ୍। ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡା. ସୁନୀଲ କୁମାର କୋଟାଙ୍କ ତତ୍ତ୍ୱାବଧାନରେ ଟାଉନ୍‌ହଲ୍ ଠାରେ ମଧୁମେହ ପଞ୍ଚାୟତ ନାମକ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଡା. ଶ୍ରୁତି ଜାମୁଲା ପ୍ରାରମ୍ଭିକ ସୂଚନା ଦେଇଥିଲେ। ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଡ. ରାଜେନ୍ଦ୍ର ପ୍ରସାଦ ଦାସ, ବିଏମ୍‌ସି କମିଶନର୍ ଚକ୍ରବର୍ତ୍ତୀ ସିଂ ରାଠୋର୍, ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ପି.ସି ସାହୁ ଏବଂ ବିଡ଼ିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ଡା. କୋଟାଙ୍କ ଅଧ୍ୟକ୍ଷତାରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ପ୍ରଫେସର ଡା. ପି.ସି. ସାହୁ, ପ୍ରଫେସର ଡା. ସରୋଜ ପଣ୍ଡା, ପ୍ରଫେସର ଡା. ବି. ନାଗେଶ୍ୱର ରାଓ ସୁବୁଦ୍ଧି, ଡା. ପି.ସି. ପାତ୍ର, ଡା. ଜେ.ଭରତୁଡୁ, ଡା. ଉମାଶଙ୍କର ମିଶ୍ର, ଡା. ଗଣେଶ୍ୱର ସେଠୀ, ଡା. ଉମା ପ୍ରସାଦ ପାଢ଼ୀ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ବିଶେଷଜ୍ଞମାନେ ଉପସ୍ଥିତ ଲୋକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ମଧୁମେହ ରୋଗୀଙ୍କ ଖାଦ୍ୟପେୟ, ବ୍ୟାୟାମ, ଚିକିତ୍ସା ପଦ୍ଧତି, ଜଟିଳ ଅବସ୍ଥା, ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ କହିଥିଲେ। ଇନ୍‌ସୁଲିନ୍‌କୁ ନେଇ ଅଧିକ ପ୍ରଶ୍ନ ହୋଇଥିଲା। ମଧୁମେହକୁ ନେଇ ସୋସିଆଲ୍ ମିଡ଼ିଆରେ ବୁଲୁଥିବା ଭ୍ରାନ୍ତସୂଚନା ଠାରୁ ଦୂରେଇ ରହି ଠିକ୍ ଚିକିତ୍ସା କରିବାକୁ ବିଶେଷଜ୍ଞମାନେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଜନସାଧାରଣ ଯୋଗଦେଇଥିଲେ ।



ମଧୁମେହ ପଞ୍ଚାୟତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଡାକ୍ତରମାନେ ।

## ସଂକ୍ଷେପରେ

### ବଳାତ୍କାର ଅଭିଯୋଗ: ୧୦ ଦିନ ପରେ ଅଭିଯୁକ୍ତ ଗିରଫ

ପୁରୁଷୋତ୍ତମପୁର,୧୮।୧(ଡି.ଏନ୍.ଏ.)- ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ସ୍କୁଲ ପାଚେରି କାମର କରିବାକୁ ଡାକି ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ୧୦ ଦିନ ପରେ ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଭାବନ୍ଦରର ମନୋଜ କୁମାର ସାହୁ। ଡାକ୍ତରି ମାଇନା ପରେ ତାଙ୍କୁ ଛତ୍ରପୁର ଅତିରିକ୍ତ ଜିଲା ଦୌରାଜର୍ଜ କୋର୍ଟକୁ ଚାଲାଣ କରାଯାଇଛି। ଗତ ୩୧ରେ ଜଣେ ଯୁବତୀଙ୍କୁ ସ୍କୁଲ ପାଚେରି କାର୍ଯ୍ୟ କରିବାକୁ ଡାକି ବଳାତ୍କାର କରିଥିବା ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୫/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଜଣକ ଫେରାର୍ ଥିବା ବେଳେ ଶୁକ୍ରବାର ତାଙ୍କୁ ଭାଟକୁମରଡ଼ାରୁ ଗିରଫ କରାଯାଇଥିବା ପୋଲିସ କହିଛି।

### ପୁଡ଼ାମାରୀ ବସ୍‌ଷ୍ଟାଣ୍ଡରେ ସଂଘବଦ୍ଧ ଆକ୍ରମଣ ମାମଲା

### ୨୭ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର ଅଫିସ,୧୮।୧: ପାଟପୁର ଥାନା ଅଧିନସ୍ଥ ପୁଡାମାରୀ ବସଷ୍ଟାଣ୍ଡରେ ସଂଘବଦ୍ଧ ଆକ୍ରମଣ ମାମଲାର ବିଚାର କରି ଜିଲା ଦୌରାଜଜ୍ ବିଭୂପ୍ରସାଦ ରାଉତରାୟ ଶୁକ୍ରବାର ୨୭ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୧୦ ସାକ୍ଷୀଙ୍କର ବୟାନ୍‌କୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ବିଚାରପତି ଏହି ରାୟ ଶୁଣାଇଛନ୍ତି।

୨୦୧୧ ଅକ୍ଟୋବର ୭ ତାରିଖରେ ପୁଡାମାରୀ ଗ୍ରାମର ଅଟୋଚାଳକ ତ୍ରିଲୋଚନ ମୁଳି ତାଙ୍କ ଭାଇ ପଞ୍ଚାନନ ଏବଂ ବାପା ରାଜେନ୍ଦ୍ର ମୁଳିଙ୍କୁ ଅଟୋରେ ଦିଗପହଣ୍ଡିରୁ ଗାଁକୁ ନେଉଥିଲେ। ପୁଡାମାରୀ ବସ୍‌ଷ୍ଟାଣ୍ଡରେ ଅଭିଯୁକ୍ତମାନେ ଗାଡି ଅଟକାଇଥିଲେ। ଗାଡିରୁ ସମସ୍ତଙ୍କୁ ବାହାରକୁ ଆଣି ଅଭିଯୁକ୍ତମାନେ ମାଡ ମାରିଥିଲେ। ଏଥିରେ ଆହତ ହୋଇ ଚିକିତ୍ସିତ ହେବା ପରେ ପଞ୍ଚାନନ ପାଟପୁର ଥାନାରେ ୩୦ ଜଣଙ୍କ ନାମରେ ଏତଲା ଦେଇଥିଲେ। ପୋଲିସ ନଂ.୮୪/୧୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ରଞ୍ଜନ ସ୍ୱାଇଁ, ପ୍ରମୋଦ ବିଷୋୟୀ, ବାଲ୍ମିକୀ ପ୍ରଧାନ, ସୁଶାନ୍ତ ସାହୁ, କାଳିଆ ସାହୁ, ପ୍ରଶାନ୍ତ ସାହୁଙ୍କ ସମେତ ୨୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଅନ୍ୟଜଣେ ଅଭିଯୁକ୍ତ ପରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ସେ ପୂର୍ବରୁ ନିର୍ଦ୍ଦୋଷରେ ଖଲାସ ହୋଇସାରିଥିଲେ। ଅନ୍ୟ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣଙ୍କର ମୃତ୍ୟୁ ଘଟିସାରିଥିବା ୨୭ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ମୁଦାଲାଙ୍କ ପକ୍ଷରୁ ମନୋଜ କୁମାର ପାଣିଗ୍ରାହୀ, ଅନୀଲ ପାଢୀ, ସରୋଜ ସାବତ ମାମଲା ପରିଚାଳନା କରୁଥିଲେ।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବ୍ରହ୍ମପୁର ଅଫିସ୍,୧୮।୧: ଅରବିନ୍ଦ ନଗର ସର୍ଟଲେନ୍ ଠାରେ ପ୍ରଫେସର କେ.ଏମ୍. ପାଠୀଙ୍କ ତରଫରୁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୋନ୍ ମିନେରାଲ୍ ଡେନ୍‌ସିଟି(ବିଏମ୍‌ଡି), ବଡ଼ିମାସ୍ ଇନ୍‌ଡେକ୍ସ(ବିଏମ୍‌ଆଇ), ୟୁରିକ୍ ଏସିଡ୍ ଏବଂ ନିଓରୋଲୋଜିକାଲ୍ ପରୀକ୍ଷା କରାଯାଇଥିଲା। ବହୁ ବରିଷ୍ଠ ନାଗରିକ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ମୁଖ୍ୟଅତିଥି ଭାବେ ଭିଜିଲାନ୍ସ ଡିଏସ୍‌ପି ସୁରେନ୍ଦ୍ରନାଥ ପାଣିଗ୍ରାହୀ ଯୋଗଦେଇଥିଲେ। ମନ୍ଦାକିନି ସାହୁ, ପୀତବାସ ରଥ, ସୁରେଶ ପାଠୀ, ଶ୍ୟାମାପ୍ରସନ୍ନ ମହାପାତ୍ର ଏବଂ ରମେଶ ପାଣିଗ୍ରାହୀ ସହଯୋଗ କରିଥିଲେ।

### ମନ୍ଦିର ବାର୍ଷିକୋତ୍ସବ

କନିଷ,୧୮।୧(ଡି.ଏନ.ଏ.): ହଳଦିଆପଦର ଗ୍ରାମ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଅଟୋ ନଗରରେ ୧୦୬ତମ ଶ୍ରୀଗୁରୁ ପାଦପଦ୍ମ ରାଧା ଗୋବିନ୍ଦ ଲକ୍ଷ୍ମୀ ନୃସିଂହ ପତିତ ପାବନ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି।

୧୭ ତାରିଖରେ ଅଧିବାସ, ୧୮ରୁ ୨୫ ତାରିଖ ପର୍ଯ୍ୟନ୍ତ ଗୁରୁ ଦେବଙ୍କ ଗୁଣାବଳୀ, ପୂଜା, ଆରତୀ ବନ୍ଦନା, ପୁଷ୍ପାଞ୍ଜଳୀ ଓ କୀର୍ତ୍ତନ, ଭାଗବତ ସପ୍ତାହ ଆଦି କାର୍ଯ୍ୟକ୍ରମ ହେଉଛି। ଏଥିରେ ହରି ଗୁରୁ ବୈଷ୍ଣବ ସେବାଭିଳାଷୀ, ତ୍ରିଦଣ୍ଡୀ ସ୍ୱାମୀ ଭକ୍ତି ବିଚାର ବିଷ୍ଣୁ ଗୋସ୍ୱାମୀ ମହାରାଜ, ଶ୍ରୀପାଦ ସତ୍ୟ ସ୍ୱରୂପ ବ୍ରହ୍ମଚାରୀ ସୁଧାକର ପ୍ରଭୁ ପ୍ରମୁଖଙ୍କ ସମେତ ଶ୍ରୀକୃଷ୍ଣ ଚୈତନ୍ୟ ମିଶନର ସନ୍ୟାସୀ ଏବଂ ବ୍ରହ୍ମଚାରୀମାନଙ୍କ ଦ୍ୱାରା ହରିକଥା ପରିବେଷଣ ଅନୁଷ୍ଠିତ ହେଉଛି।

# ଖୋଲିଲା ଅକ୍ସଫୋର୍ଡ ପବ୍ଲିକ ସ୍କୁଲ

ବ୍ରହ୍ମପୁର ଅଫିସ,୧୮।୧



ବିଦ୍ୟାଳୟ ଖୋଲିବା ପରେ ଶ୍ରେଣୀରେ ପାଠପଢ଼ା ଚାଲିଛି।

ଆବଶ୍ୟକ ସରକାରୀ ଅନୁମତି ନ ଥିବାରୁ ବ୍ରହ୍ମପୁର ସହର ଲାଞ୍ଜିପଲି ବାଇପାସ୍ ନିକଟ ତଥା ୧୬ନମ୍ବର ଜାତୀୟ ରାଜପଥ କଡ଼ସ୍ଥିତ ମଡ଼ର୍ନ ଅକ୍ସଫୋର୍ଡ ପବ୍ଲିକ ସ୍କୁଲକୁ ୪ ତାରିଖରେ ଜିଲା ପ୍ରଶାସନ ବନ୍ଦ କରିଥିଲା। କୋଠା ନିର୍ମାଣ ପାଇଁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡ଼ିଏ) ଠାରୁ ଅନୁମତି ନେଇ ନ ଥିବା ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ) ଠାରୁ ଅନୁମତି ଆଣି ନ ଥିବା ଯୋଗୁ ପ୍ରଶାସନ ଏପରି କରିଥିଲା। ଏହା ପରଠୁ ବିଦ୍ୟାଳୟରେ ତାଲା ଝୁଲୁଥିଲା। ପିଲାଙ୍କ ପାଠପଢ଼ା ଠପ୍ ହୋଇଯାଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ବିକଳ୍ପ ବ୍ୟବସ୍ଥା କରି ନ ଥିଲେ। ଏଭଳି ପରିସ୍ଥିତିରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଅଭିଭାବକ ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ପରୀକ୍ଷା ଆଉ ଅଳ୍ପ ଦିନ ଥିବାରୁ ବିଦ୍ୟାଳୟ ବନ୍ଦ ରହିଲେ ପିଲାମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ। ଆବଶ୍ୟକ ଅନୁମତି ଆଣିବା ପାଇଁ କିଛି ଦିନର ମହଲତ ଦେବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁରୋଧ କରିଥିଲେ। ଅନୁରୋଧ ପ୍ରକାରେ ବିଦ୍ୟାଳୟ ଖୋଲିବାକୁ ଅନୁମତି ମିଳିଛି। ଶୁକ୍ରବାର ପୂର୍ବଭଳି ବିଦ୍ୟାଳୟ ସ୍ୱାଭାବିକ ଚାଲିଛି। ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାଇଥିଲେ।

ଶିକ୍ଷା ଅଧିକାର ଆଇନ୍-୨୦୦୯ରେ ବିଦ୍ୟାଳୟକୁ ଅନୁମତି ମିଳିଥିଲା। ହେଲେ ପରବର୍ତ୍ତୀ ସମୟରେ ୩ ମହଲା କୋଠା ନିର୍ମାଣ କରାଯାଇଥିଲା। ଏନେଇ ବିଡ଼ିଏ ଠାରୁ ଅନୁମତି ଅଣାଯାଇ ନ ଥିଲା। ଏନେଇ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ(ଓଡିଏ) ଆକ୍ଟ-୧୯୮୨ରେ ୧୬/୨୦୧୮ରେ ବିଦ୍ୟାଳୟ ବିରୋଧରେ ଏକ ମାମଲା ବିଡ଼ିଏ ନିକଟରେ ମଧ୍ୟ ରୁଜୁ ହୋଇଥିଲା। ତଥାପି ବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁମତି ଆଣି ନ ଥିଲେ। ଅନ୍ୟପଟେ ବିଦ୍ୟାଳୟଟି ଜାତୀୟ ରାଜପଥର କଡ଼ରେ ରହିଛି। ହେଲେ ଭାରତୀୟ ଜାତୀୟ ରାଜପଥର ପ୍ରାଧିକରଣ ଧାରା ୨୬ ଅନୁଯାୟୀ ଅନୁମତି ଅଣାଯାଇ ନ ଥିଲା। ଫଳରେ ବିଦ୍ୟାଳୟର ସ୍ୱିକୃତୀ ପ୍ରତ୍ୟାହାର କରାଯାଇଥିଲା। ଏ ନେଇ ଏକ କାରଣ ଦର୍ଶାଅ ନୋଟିସ୍ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଗତ ୩ ତାରିଖରେ ଜାରି କରାଯାଇଥିଲା। ୪ ତାରିଖରେ ବ୍ରହ୍ମପୁର ଉପଜିଲାପାଳ ବିଦ୍ୟାଳୟକୁ ଯାଇ ବନ୍ଦ କରିଦେଇଥିଲେ।

## ଓଡ଼ିଆ ବିଭାଗର ଜାତୀୟ ଆଲୋଚନାଚକ୍ର



ଆଲୋଚନା ଚକ୍ରରେ ମଞ୍ଚାସୀନ ଆଲୋଚକମାନେ।

ବ୍ରହ୍ମପୁର ଅଫିସ,୧୮।୧

ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଗଣେଶ ହଲ୍ ଠାରେ ୨ ଦିନିଆ ଜାତୀୟ ଆଲୋଚନାଚକ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଆଲୋଚନା ଚକ୍ରର ବିଷୟ ରହିଛି 'ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ସାହିତ୍ୟରେ ନାରୀକବି'। ପ୍ରଥମେ ଅଧକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବି ପ୍ରଫେସର ବିପିନ ନାୟକ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟା ଉତ୍ତମା ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ସାହିତ୍ୟରେ ନାରୀକବି(୧୮୭୦ ପର୍ଯ୍ୟନ୍ତ) ଆଲୋଚନା କରାଯାଇଥିଲା। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ସମୂହର ଅଧକ୍ଷ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଆଲୋଚକ ଭାବେ ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ. କାହ୍ନୁଚରଣ ପାଢ଼ୀ, ରାୟଗଡ଼ା ମଡେଲ୍ ଡିଗ୍ରୀ କଲେଜର ଡ. ଶ୍ୟାମ ଭୋଇ ଏବଂ ଶାନ୍ତି ନିକେତନର ଅଧ୍ୟାପକ ଡ. ଶରତ ଜେନା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ଡ. ଉଷା ରଥ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ତୃତୀୟ ଅଧିବେଶନର ବିଷୟ ରହିଥିଲା ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ସାହିତ୍ୟରେ ନାରୀକବି(୧୮୭୦-୧୯୪୭)। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଉପସଚିବ ଡ. କୁଳମଣୀ ଓଝା, ଦେଓଗଡ଼ ମଡେଲ୍ ଡିଗ୍ରୀ କଲେଜର ଅଧ୍ୟାପକ ଡ. ବିଜୟ କୁମାର ମହାରଣା, ଖଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଜ୍ଞାନୀ ଦେବାଶିଷ ମିଶ୍ର ପ୍ରମୁଖ ଆଲୋଚକ ଭାବେ ଯୋଗଦେଇଥିଲେ। ଅତିଥି ଅଧ୍ୟାପକ ରୋହିତ କୁମାର ବାରିକ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ଏବଂ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

## ବାଳିକା ହାଇସ୍କୁଲର ବାର୍ଷିକୋତ୍ସବ

ବ୍ରହ୍ମପୁର ଅଫିସ,୧୮।୧

ସ୍ଥାନୀୟ ଶିଲ୍ପାଞ୍ଚଳସ୍ଥିତ ମା' ସରୋଜିନୀ ବାଳିକା ହାଇସ୍କୁଲର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଡ଼. ସନାତନ ପଣ୍ଡା ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ନିର୍ଦ୍ଦେଶିକା ବିନିତା ସେନାପତି ମୁଖ୍ୟବକ୍ତା, ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ପ୍ରଭାତୀ ମହାପାତ୍ର ସମ୍ମାନିତ ଅତିଥି ଥିଲେ। ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ହିମାଂଶୁ ଜ୍ୟୋତ୍ସ୍ନା ପଟ୍ଟନାୟକ, ପୂର୍ବତନ ବିଏମସି ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ବିଜେଡି ଜିଲା ଉପସଭାପତି ଉମା ଚରଣ ନାୟକ, ଶିଳ୍ପାଞ୍ଚଳ ବଣିକ ସଂଘ ସଭାପତି ପଞ୍ଚାନନ ଚୌଧୁରୀ, ସାମାଜିକ କର୍ମୀ ଭାଗିରଥୀ ମହାରଣା, ଲାଇଫ ଲାଇନ ସଭାପତି ଏଲ. ସୁଦାମ ଦାସ ଯୋଗ ଦେଇଥିଲେ। ବାଳିକା ଶିକ୍ଷାର ବ୍ୟାପକ ପ୍ରସାର ପାଇଁ ସରକାର ଗୁରୁତ୍ୱ ଦେଇଥିବାରୁ ଛାତ୍ରୀମାନେ ଏହାର ସୁଯୋଗ ନେବାକୁ ପରାମର୍ଶ ଦିଆଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱ ମୋହିନୀ ପଟ୍ଟନାୟକ ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷୟତ୍ରୀ ଶାନ୍ତି ଦେବୀ, ନର୍ମଦା ନାୟକ, ଝରଣା ସାବତ, ଜୟଲକ୍ଷ୍ମୀ ସେନାପତି, ସ୍ମିତାରାଣୀ ଜେନା, ମମତା ମହାପାତ୍ର, ଜୟଶ୍ରୀ ନେପାକ, ମଧୁସ୍ମିତା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷାନୁଷ୍ଠାନର ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବରିଷ୍ଠ ଶିକ୍ଷୟତ୍ରୀ ସବିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

■ ଦ୍ୱିତୀୟ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

## ନିଶାମୁକ୍ତ ସମାଜର ବାର୍ତ୍ତା ଦେଲା 'କୁଳାଙ୍ଗାର'

ବ୍ରହ୍ମପୁର ଅଫିସ୍,୧୮।୧

ଗଞ୍ଜାମ ଜିଲା ମଞ୍ଚ କଳାକାର ସମ୍ମିଳନୀ ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ତଥା ଅଷ୍ଟବିଂଶ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଛି। ହିଲପାଟଣା ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ମହୋତ୍ସବକୁ ବିଶିଷ୍ଟ ଶିକ୍ଷାବିତ କେ. କୃଷ୍ଣମୂର୍ତ୍ତି ଉଦଘାଟନ କରିଥିଲେ। ବିଜେଡି ରାଜ୍ୟ ଉପସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ର ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଭାପତି ବଳରାମ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବିଡିଏ ଅଧ୍ୟକ୍ଷ ସୁବାଷ ମହାରଣା, ଅଜିତ କୁମାର ସାହୁ ମଞ୍ଚାସୀନ ଥିଲେ। ମନୋଜ କୁମାର ଦଣ୍ଡପାଟ ସ୍ୱାଗତ ଭାଷଣ, କୃଷ୍ଣଚନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ବିଚିତ୍ରା ନନ୍ଦ ବେବର୍ତ୍ତାଙ୍କ, ଇଂ. ସନ୍ତୋଷ କୁମାର ପାଣିଗ୍ରାହୀ, ସୀମାଞ୍ଚଳ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସଞ୍ଜା ସମାହିତ ପାଢୀ ଧନ୍ୟବାଦ ଦେଇଥିଲେ। ନିଶା କିପରି ନିଜ ସୁଖର ସଂସାରକୁ ଅନ୍ଧକାର ମଧ୍ୟକୁ ଠେଲିଦିଏ ତାହାର ଜ୍ୱଳନ୍ତ ଉଦହରଣ ପ୍ରତିଫଳିତ ହୋଇଥିଲା ଉଦଘାଟନୀ ନାଟକ 'କୁଳାଙ୍ଗାର'ରେ। ଗୋଟିଏ ପଟେ ସମାଜକୁ ନିଶାମୁକ୍ତ କରିବାକୁ ବିଭିନ୍ନ ସଂଗଠନ ଓ ମହିଳା ଶକ୍ତି ସ୍ୱର ଉତ୍ତୋଳନ କରୁଥିବା ବେଳେ ଅନ୍ୟପଟେ ସରକାର ରାଜସ୍ୱ ବୃଦ୍ଧି ପାଇଁ ମଦଦୋକାନ ଖୋଲିବା ଏକ ସମାଜର ଯୁବବର୍ଗଙ୍କୁ କିଭଳି ବିଶୃଙ୍ଖଳିତ କରୁଛି ତାହା ନାଟକରେ ପ୍ରଦର୍ଶିତ ହୋଇଥିଲା। ନାଟ୍ୟକାର ଯୁଧିଷ୍ଠିର ଭଞ୍ଜ ସାମନ୍ତଙ୍କ ରଚିତ ଓ ଡା. ତିରୁପତି ସାହୁଙ୍କ ନିର୍ଦ୍ଦେଶିତ ଏହି ନାଟକରେ ସମାଜକୁ ନିଶାମୁକ୍ତ କରିବା ନେଇ ବାର୍ତ୍ତା ଦିଆଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



ଜ୍ୟୋତି



କୈଳାଶ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ମଦଦୋକାନ ହଟାଇବାକୁ ଉପଜିଲାପାଳଙ୍କୁ ଦାବିପତ୍ର




ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିବସେନାର କର୍ମକର୍ତ୍ତାମାନେ।

ବ୍ରହ୍ମପୁର ଅଫିସ,୧୮।୧

କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠି ଗ୍ରାମରେ ଥିବା ସ୍ୱିକୃତୀପ୍ରାପ୍ତ ଦେଶୀ ମଦ ଦୋକାନ ବନ୍ଦ କରିବାକୁ ଦାବି ହୋଇଛି। ଏ ନେଇ ଶିବସେନା ପକ୍ଷରୁ ମହିଳା ସେନା ଓ ଗ୍ରାମର ମହିଳାମାନେ ଶୁକ୍ରବାର ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ମଦଦୋକାନ ଯୋଗୁ ମଦ୍ୟପମାନେ ବିଭିନ୍ନ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ଏଥିଯୋଗୁ ଗ୍ରାମରେ ଅଶାନ୍ତି ଲାଗି ରହୁଛି। ୭ ଦିନ ମଧ୍ୟରେ ମଦଦୋକାନକୁ ଉଚ୍ଛେଦ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ମହିଳା ସେନା ଆମରଣ ଅନଶନ କରିବ ବୋଲି ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ବେଳେ ଗଞ୍ଜାମ ଜିଲା ମହିଳାସେନା ପ୍ରମୁଖ ସୌଦାମିନୀ ନନ୍ଦ, ଉପପ୍ରମୁଖ ମିନତୀ ପାତ୍ର, ଉପପ୍ରମୁଖ ମମାଲି ମହାରଣା, ମହାନଗର ପ୍ରମୁଖ ରିଙ୍କି ଚୌଧୁରୀ, କୁକୁଡାଖଣ୍ଡି ବ୍ଲକ ପ୍ରମୁଖ ସବିତା ଦାଶ, ସୁମିତ୍ରା ବେହେରା, ପୂଜା ସଭାସୁନ୍ଦର, ରାଜ୍ୟ ଉପପ୍ରମୁଖ ବଳରାମ ବାବା, ରାଜ୍ୟ ସଙ୍ଗଠନ ମନ୍ତ୍ରୀ ସୀମାଞ୍ଚଳ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।




ବ୍ରହ୍ମପୁର ବଡମେଡିକାଲ କ୍ୟାମ୍ପସ୍‌ରେ ଥିବା ମାନସିକ ରୋଗ ବିଭାଗର ପରିତ୍ୟକ୍ତ ହୋଇ ପଡିରହିଥିବା ୱାଶ୍‌ରୁମ୍। (ଫଟୋ-ସମୀର)

## କିଶୋର ନ୍ୟାୟ ଅଧିନିୟମ କର୍ମଶାଳା

ବ୍ରହ୍ମପୁର ଅଫିସ୍,୧୮।୧




କର୍ମଶାଳାରେ ମଞ୍ଚାସୀନ ଅଧିକାରୀମାନେ।

ଗଞ୍ଜାମ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତରଫରୁ ବ୍ରହ୍ମପୁରସ୍ଥିତ ରାଜସ୍ୱ ଡାକବଙ୍ଗଳା ସମ୍ମିଳନୀ କକ୍ଷରେ ଜିଲାର ସ୍ୱତନ୍ତ୍ର ବିଦ୍ୟାଳୟ କର୍ମକର୍ତ୍ତାଙ୍କୁ ନେଇ କିଶୋର ନ୍ୟାୟ(ଯତ୍ନ ଓ ସୁରକ୍ଷା) ଅଧିନିୟମ-୨୦୧୫ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶିଶୁ ମଙ୍ଗଳ କମିଟିର ସଦସ୍ୟ ହରିହର ପାଢ଼ୀ ଯୋଗଦେଇ ଅନୁଷ୍ଠାନର ପ୍ରତ୍ୟେକ କର୍ମଚାରୀ ସମସ୍ତ ଆଇନ୍, ଅଧିନିୟମ ବିଷୟରେ ଜାଣି ଶିଶୁମାନଙ୍କୁ ସୁସ୍ଥ ବାତାବରଣ ଯୋଗାଇ ଦେବାକୁ ଆହ୍ୱାନ ଦେଇଥିଲେ। ଚାଇଲ୍ଡ ଲାଇନ୍‌ର ନିର୍ଦ୍ଦେଶକ ସୁଧୀର ସାବତ ଏହି ଅଧିନିୟମର ବିଭିନ୍ନ ଦିଗ ଓ ଶିଶୁମାନଙ୍କ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ଲିପିକାର ନିର୍ଦ୍ଦେଶିକା ରଞ୍ଜିତା ଦାଶ ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ଆଇନ୍ ଓ ଦଣ୍ଡ ବ୍ୟବସ୍ଥା ବିଷୟରେ କହିଥିଲେ। ସମର୍ଥର ସମ୍ପାଦକ କେ. ଆନନ୍ଦ ରାଓ ଜିଲାର ସମସ୍ତ ଅଧିକାରୀ ଏହି ଅଧିନିୟମ ସମ୍ପର୍କରେ ଜାଣିବା ଜରୁରୀ ବୋଲି କହିଥିଲେ। ସାଧନବ୍ୟକ୍ତି ରୂପେ ସୁବାସ ଚନ୍ଦ୍ର ଦାଶ ଏବଂ ଅମୀୟ କୁମାର ତ୍ରିପାଠୀ ପୋସ୍କୋ ଅଧିନିୟମ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ। ଜିଲା ସଂଯୋଜନ ଶିବ ପ୍ରସାଦ ରଥ କର୍ମଶାଳା ପରିଚାଳନା କରିଥିବା ବେଳେ ସଦସ୍ୟ ପ୍ରଭାତ କୁମାର ପାଢ଼ୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଧାନ ଗଦାରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ ୩ ପରିବାରର ଫସଲ ନଷ୍ଟ, ଥାନାରେ ଅଭିଯୋଗ

**ଭଞ୍ଜନଗର,୧୮।୧(ଡି.ଏନ.ଏ.):** ଭଞ୍ଜନଗର ଥାନା ଗାମୁଣ୍ଡିରେ ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଖଳାରେ ଥିବା ଧାନଗଦାରେ ନିଆଁ ଲଗାଇ ଦେଇଥିଲେ। ଫଳରେ ଗ୍ରାମର ଅଜୟ ମଲ୍ଲ, ଲମ୍ବୋଧର ସ୍ୱାଇଁ ଓ ବିଶ୍ୱନାଥ ଗୌଡଙ୍କ ପ୍ରାୟ ୬ ଏକର ଜମିର ଧାନ ଫସଲ ପୋଡିଯାଇଛି। ଭଞ୍ଜନଗର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଫଳରେ ପାଖରେ ଥିବା ବହୁ ଧାନଗଦା ନିଆଁ ଦାଉରୁ ରକ୍ଷା ପାଇଯାଇଥିଲା। ଏନେଇ କ୍ଷତିଗ୍ରସ୍ତ ପରିବାର ଥାନାରେ ଅଭିଯୋଗ କରିବାରୁ ପୋଲିସ ତଦନ୍ତ ଚଳାଇଛି। କ୍ଷତିଗ୍ରସ୍ତ ଚାଷୀମାନଙ୍କ ବର୍ଷକର ଫସଲ ପୋଡିଯାଇଥିବାରୁ ସେମାନେ ଏବେ ଚିନ୍ତାରେ। ତୁରନ୍ତ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### କାର୍ ଧକ୍କାରେ ବୃଦ୍ଧ ମୃତ

**ପୁରୁଷୋତ୍ତମପୁର, ୧୮।୧(ଡି.ଏନ୍.ଏ.):** ପୁରୁଷୋତ୍ତମପୁର ଥାନା ଭୂତସରସିଙ୍ଗି ଗ୍ରାମରେ ଗୁରୁବାର ରାତିରେ କାର୍ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୃନ୍ଦାବନ ବେହେରା(୬୫)। ପୋଲିସ ମୃତଦେହ ଜବତ କରିବା ସହ ନଂ. ୧୩/୧୯ରେ ମାମଲା ରୁଜୁ କରିଛି। ପ୍ରକାଶ ଯେ, ବୃନ୍ଦାବନ ଘର ସମ୍ମୁଖରେ ଠିଆ ହୋଇଥିବା ବେଳେ ବ୍ରହ୍ମପୁର ମେଡିକାଲରୁ ପ୍ରସୂତି ଓ ଶିଶୁକୁ ନେଇ ପୋଲସରା ନିକଟସ୍ଥ ବାଲିଛାଇ ଗ୍ରାମକୁ ଯାଉଥିବା ଏକ କାର ଧକ୍କା ଦେଇ ତାଙ୍କୁ କିଛି ବାଟ ଘୋଷାଡ଼ି ନେଇଯାଇଥିଲା। ସ୍ଥାନୀୟ ଲୋକେ ଗାଡ଼ିକୁ ଅଟକାଇ ବୃନ୍ଦାବନଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପୁରୁଷୋତ୍ତମପୁର ଆଇଆଇସି ଅଜୟ କୁମାର ବାରିକ ଓ ଏଏସ୍ଆଇ ରବୀନ୍ଦ୍ର ନାଥ ପାଣିଗ୍ରାହୀ ସଦଳବଳ ପହଞ୍ଚି ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଚାଳକ ଫେରାର୍ ହୋଇଯାଇଥିବା ବେଳେ କାର୍‌କୁ ଜବତକରି ଘଟଣାର ତଦନ୍ତ ଚାଲିଥିବା ଏଏସ୍ଆଇ ସନାତନ ବେହେରା କହିଛନ୍ତି। ଶୁକ୍ରବାର ମୃତଦେହ ପୁରୁଷୋତ୍ତମପୁରରେ ବ୍ୟବଚ୍ଛେଦ ହୋଇଛି।

### ତହସିଲଦାର ପଦବୀ ଖାଲି

**କନିଷି,୧୮।୧(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ବ୍ଲକର କନିଷି ତହସିଲ କାର୍ଯ୍ୟାଳୟରେ ତହସିଲଦାର ଡ. ଶରତ ଚନ୍ଦ୍ର ମହାପାତ୍ର ୨୦ ଦିନ ହେଲା ଚିଲିକା ତହସିଲ କାର୍ଯ୍ୟାଳୟକୁ ବଦଳି ହୋଇଯାଇଛନ୍ତି। ସେହିଦିନରୁ କନିଷି ତହସିଲଦାର ପଦବୀ ଖାଲି ପଡ଼ିଛି। ଗଞ୍ଜାମ ଜିଲାପାଳ କନିଷି ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରାଙ୍କୁ ଦାୟିତ୍ୱ ଦେଇଥିବା ଜଣାପଡ଼ିଛି। ଅତିରିକ୍ତ ତହସିଲଦାର ବେହେରା ପୁଣି କନିଷି ସବ-ରେଜିଷ୍ଟ୍ରାର ଦାୟିତ୍ୱରେ ଅଛନ୍ତି। ତେଣୁ ପ୍ରତ୍ୟେକ ଦିନ ନକ୍ସା, ଘରବାରି ପଟ୍ଟା, ଜାତିଗତ ପ୍ରମାଣପତ୍ର ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟ ପାଇଁ ଦୂର ଦୂରାନ୍ତରୁ ଲୋକେ ଆସି ବହୁ ହଟହଟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅତିରିକ୍ତ ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ତେଣୁ ଗଞ୍ଜାମ ଜିଲାପାଳ ତୁରନ୍ତ ତହସିଲଦାର ପଦବୀ ପୂରଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ହାତୀ ଉପଦ୍ରବ, ଫସଲ ନଷ୍ଟ

**ହିଞ୍ଜିଳିକାଟୁ,୧୮।୧(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ବ୍ଲକ ମକରଝୋଳ ପଞ୍ଚାୟତର ପଲୀପଦ୍ମନାଭପୁର ଗ୍ରାମରେ ଶୁକ୍ରବାର ସକାଳେ ୧୨ଟି ହାତୀ ଥିବା ଏକ ପଲ ପ୍ରବେଶ କରିଛନ୍ତି। ଦିଗପହଣ୍ଡି ରେଞ୍ଜ ବନାଞ୍ଚଳରୁ ଏହି ହାତୀପଲ ଗୁରୁବାର ରାତିରେ ପ୍ରବେଶ କରିଥିବା ଜଣାପଡ଼ିଛି। ହାତୀପଲରେ ୨ଦନ୍ତା, ୪ମାଈ ଓ ୬ ଛୁଆହାତୀ ଅଛନ୍ତି। ନିକଟବର୍ତ୍ତୀ ଅଞ୍ଚଳରେ ଏହି ହାତୀପଲ ବହୁ ଅମଳ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହାତୀ ଘଉଡାଇବାକୁ ଉଦ୍ୟମ କରିଥିଲେ। ମାତ୍ର ହାତୀପଲ ଗ୍ରାମ ନିକଟ ପାହାଡ଼ରେ ଅଛନ୍ତି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଏହି ହାତୀପଲ ପାହାଡରେ ରହିଥିବାବେଳେ ରାତିରେ ଜଙ୍ଗଲକୁ ଘଉଡ଼ାଇବାକୁ ବନ କର୍ମଚାରୀ ପ୍ରୟାସ କରିବେ ବୋଲି ପ୍ରଶାସନିକ ସ୍ତରରେ ନିଷ୍ପତି ହୋଇଥିବା ବିଡ଼ିଓ ପ୍ରସନ୍ନ କୁମାର ପାତ୍ର କହିଛନ୍ତି।


ହାତୀପଲଙ୍କୁ ଘଉଡ଼ାଇବାକୁ ବନ କର୍ମଚାରୀଙ୍କ ପ୍ରୟାସ।

ଫରେଷ୍ଟର ରାଜୀବ ଲୋଚନ ପାତ୍ର, ପ୍ରଦୀପ କୁମାର ପଣ୍ଡା, କମଳକାନ୍ତ ପାତ୍ର, ଅକ୍ଷୟ କୁମାର ତ୍ରିପାଠୀଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱ ପାରା ପରେଷ୍ଟର ହାତୀପଲ ଥିବା ପାହାଡ ନିକଟରେ ଜଗି ରହିଛନ୍ତି।

ଗଞ୍ଜାମ-ଗଜପତି ସୀମାନ୍ତ ଲଖାରୀ ଜଙ୍ଗଲରୁ ହାତୀମାନେ ଚଳିତ ମାସ ୨ ତାରିଖରୁ ବାହାରି ଜିଲାର ବିଭିନ୍ନ ବନାଞ୍ଚଳରେ ବୁଲୁଥିବା ହିଞ୍ଜିଳିକାଟୁ ଫରେଷ୍ଟର ପ୍ରଦୀପ କୁମାର ପଣ୍ଡା କହିଛନ୍ତି। ସାତପାଣ୍ଡିଆ ଓ ପଲୀପଦ୍ମନାଭପୁର ଗ୍ରାମରେ ଚାଷୀ ସୁବାଷ ଚନ୍ଦ୍ର ଭୂୟାଁ, କେ. ଦିୱାନ ରେଡ୍ଡୀ, ଗୁରମୂର୍ତ୍ତି ରେଡ୍ଡୀ, ବନା ବିଷୋୟୀ, ଭାସ୍କର ଡ଼ାକୁଆ, ଏନ. ଅରକ୍ଷିତଙ୍କ ଅମଳ ଫସଲ ଓ ଖଳାରେ ରଖିଥିବା ପ୍ରାୟ ୭୦ ବସ୍ତା ଧାନ ନଷ୍ଟ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ତଦନ୍ତ କରି କ୍ଷତିପୂରଣ ଦେବାକୁ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ବିଡିଓ ପାତ୍ର କହିଛନ୍ତି।

# ବାଘ ଆକ୍ରମଣ ଗୁଜବକୁ ନେଇ ଡିଏଫ୍‌ଓଙ୍କ ପ୍ରେସ୍‌ମିଟ୍

**ବାଲିଗୁଡା,୧୮।୧(ଡି.ଏଡ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡା ବନଖଣ୍ଡ ଅଧୀନସ୍ଥ ଦାରିଙ୍ଗବାଡି ଅଞ୍ଚଳରେ କିଛିଦିନ ହେଲା ପର୍ଯ୍ୟଟକଙ୍କୁ ବାଘ ଆକ୍ରମଣ କରିଥିବା ନେଇ ଭିଡିଓ ଓ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏନେଇ ଅଞ୍ଚଳରେ ଆତଙ୍କ ଖେଳିଯିବା ସହ ଦାରିଙ୍ଗବାଡିକୁ ପର୍ଯ୍ୟଟକ ମଧ୍ୟ ଆସିବା କମିଯାଇଥିବା ପରିଲକ୍ଷିତ ହେଉଛି। ଗୁଜବ ପ୍ରଚାର ପରେ ବାଲିଗୁଡା ବନଖଣ୍ଡର ସମସ୍ତ କର୍ମଚାରୀ ପାଟ୍ରୋଲିଂ କରିବା ସହ ତନାଘନା ଚଳାଇଥିଲେ ମଧ୍ୟ ଏଭଳି କୌଣସି ଘଟଣା ଘଟିଥିବା ସୁରାକ ମିଳିନାହିଁ। ଏନେଇ ଶୁକ୍ରବାର ସ୍ଥାନୀୟ ଡି.ଏଫ୍.ଓ ବିଶ୍ୱନାଥ ନୀଳନବର ଏକ ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଯେଉଁ ଭିଡିଓ ଓ ଫଟୋ ଭାଇରାଲ ହୋଇଛି ତାହା ମିଥ୍ୟା। ଉକ୍ତ ଘଟଣା ଗୁଡିକ ମହାରାଷ୍ଟ୍ର ଓ କର୍ଣ୍ଣାଟକ ଅଞ୍ଚଳର ବୋଲି ଜଣାପଡିଛି। ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି କି, ପର୍ଯ୍ୟଟନସ୍ଥଳୀ ଦାରିଙ୍ଗବାଡିରେ ଏପରି କୌଣସି ଘଟଣା ଘଟିନାହିଁ। ଏଥିରେ କେହି ଆତଙ୍କିତ ଓ ବିଚଳିତ ନ ହୋଇ ପର୍ଯ୍ୟଟନସ୍ଥଳୀରେ ପ୍ରକୃତିର ଭରପୂର ମଜା ନେବାକୁ ଡିଏଫ୍‌ଓ ବିଶ୍ୱନାଥ ଆହ୍ୱାନ ଦେଇଛନ୍ତି। ବାଲିଗୁଡା ବନଖଣ୍ଡ ଅଞ୍ଚଳର ସମସ୍ତ ରେଞ୍ଜର, ଫରେଷ୍ଟର ଓ କର୍ମଚାରୀ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।

# ମଡେଲ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କଲେ ପ୍ରତିନିଧି ଦଳ

**ଗୋପାଳପୁର,୧୮।୧**

ନୂଆଦିଲ୍ଲୀସ୍ଥିତ ଇଣ୍ଟରନ୍ୟାଶନାଲ ଫୁଡ ପଲିସି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍, ଭିଏଟ୍‌ନାମ ଏବଂ ଅନ୍ୟ ଦେଶର ୧୩ ଜଣିଆ ପ୍ରତିନିଧି ରଙ୍ଗେଇଲୁଣ୍ଡା ବ୍ଲକ ପଥରାରେ ଥିବା ମଡେଲ ଅଙ୍ଗନୱାଡି କେନ୍ଦ୍ରକୁ ପ୍ରତିନିଧି ଦଳର ମୁଖ୍ୟ ରଶ୍ମି ଆବୁଲାଙ୍କ ନେତୃତ୍ୱରେ ଗୁରୁବାର ପରିଦର୍ଶନ କରିଛନ୍ତି। ଓଡ଼ିଶାରେ ହେଉଥିବା ଅଙ୍ଗନୱାଡି କେନ୍ଦ୍ରର ଭିତିଭୂମିର ବିକାଶ, ପିଲାଙ୍କ ପାଠପଢ଼ା, ଖାଦ୍ୟ ଓ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ ଏବଂ ଅଙ୍ଗନୱାଡି କର୍ମଚାରୀ ପଚାରି ବୁଝିଥିଲେ। ଏଭଳି ଢାଞ୍ଚାରେ ବାହାର ଦେଶ ଓ ବିଭିନ୍ନ ସ୍ଥାନରେ କିଭଳି ପ୍ରଚଳିତ ହେବ ସେ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ସୁପରଭାଇଜର କେ. ଅନୀତା, ଅରୁଣ ନାୟକଙ୍କ ସମେତ ଅନ୍ୟ ଅଧିକାରୀ ଓ ଅଙ୍ଗନୱାଡି କର୍ମଚାରୀ ଉପସ୍ଥିତ ଥିଲେ।


ଉପସ୍ଥିତ ପ୍ରତିନିଧି ଦଳଙ୍କ ସହ ଅଙ୍ଗନୱାଡି କର୍ମଚାରୀ।

## ଏଲଇଡି ବଲବ, ପୁରସ୍କାର ବାଣ୍ଟିଲେ ଜିଲାପାଳ

**ଶେରଗଡ,୧୮।୧(ଡି.ଏନ୍.ଏ.)**

ଶେରଗଡସ୍ଥିତ ଧନନ୍ତର ପଞ୍ଚାୟତର ଗ୍ରାମସଭା ଅବସରରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରାଜ୍ୟ ସରକାରଙ୍କ ମାଗଣା ଏଲଇଡି ବଲ୍‌ବ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏଥିସହ ଆୟୋଜିତ ଉତ୍ସବରେ ଅଙ୍ଗନୱାଡି କର୍ମୀଙ୍କୁ ପୁରସ୍କାର ବଣ୍ଟନ ସହ ବିଭିନ୍ନ ସହାୟତା ରାଶି ପ୍ରଦାନ କରିଥିଲେ। ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁ, ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡା , ସିଡିପିଓ ଚନ୍ଦ୍ରକଳା ସ୍ୱାଇଁ, ପ୍ରଗତି ସହାୟକ ଭଗବାନ ବେହେରାଙ୍କ ଉପସ୍ଥିତିରେ ଧନନ୍ତର ପଞ୍ଚାୟତର ସରପଞ୍ଚ ଝୁନୁ ସ୍ୱାଇଁ, ସମିତିସଭ୍ୟ ବିଜୟ ଲକ୍ଷ୍ମୀ ପାତ୍ରଙ୍କ ସମେତ ବହୁବ୍ୟକ୍ତି ଯୋଗ ଦେଇଥିଲେ।

# ବିଦ୍ୟାଳୟର ବାର୍ଷିକୋତ୍ସବ



ମଞ୍ଚାସୀନ ଅତିଥିବୃନ୍ଦ।

**ଗଞ୍ଜାମ,୧୮।୧(ଡି.ଏନ.ଏ.)**

ଗଞ୍ଜାମ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ୩୯ତମ ବାର୍ଷିକୋତ୍ସବ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ନେପକଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦଘାଟକ ଭାବେ ଉକ୍ତ ବାଳିକା ବିଦ୍ୟାଳୟର ପ୍ରତିଷ୍ଠାତା ଗୋବିନ୍ଦ ଚନ୍ଦ୍ର ପଣ୍ଡା ଯୋଗଦେଇ ଗୁଣାତ୍ମକ ଶିକ୍ଷାର ବିକାଶ ହେଲେ ସମାଜର ଉନ୍ନତି ସମ୍ଭବ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ଘଡ଼େଇ, ସମ୍ମାନିତ ଅତିଥି ଷ୍ଟେଟବ୍ୟାଙ୍କ ମୁଖ୍ୟ ପରିଚାଳକ ବି. ମହେନ୍ଦ୍ର, ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରବୀଣ କୁମାର ନନ୍ଦ, ପରିଚାଳନା କମିଟି ସଭାପତି ଦଣ୍ଡପାଣି ବେହେରା, ମୁଖ୍ୟବକ୍ତା ଭାବେ ଓଡ଼ିଆ ଅଧ୍ୟାପକ ଲକ୍ଷ୍ମୀ ନାରାୟଣ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଅନିଲ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନେପକ୍ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲର ଶିକ୍ଷକ ଓ କର୍ମଚାରୀ ପଦବୀ ଖାଲିଥିବା ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିରେ ଶିକ୍ଷୟିତ୍ରୀ ପ୍ରତିମା ମିଶ୍ର, ନିବେଦିତା ପ୍ରଧାନ, ସୁଜ୍ଞାନି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମୋ ଭବିଷ୍ୟତ ସୁରକ୍ଷା, ସ୍ୱାକ୍ଷର ଅଭିଯାନ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

**କନିଷି,୧୮।୧(ଡି.ଏନ.ଏ.)**

ଗୋପାଳପୁର ନିର୍ବାଚନ ମଣ୍ଡଳୀ ଯୁବ ଓ ଛାତ୍ର ବିଜେଡି ତରଫରୁ ଶୁକ୍ରବାର ରଙ୍ଗେଇଲୁଣ୍ଡା ବ୍ଲକରେ ମୋ ଭବିଷ୍ୟତ ସୁରକ୍ଷା, ସ୍ୱାକ୍ଷର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଅନୁସୂଚିତ ଜାତିର ଛାତ୍ରୀଛାତ୍ରଙ୍କ ଲାଗି କେନ୍ଦ୍ର ସରକାରଙ୍କ ଅନୁଦାନ ନୀତିରେ ତୀବ୍ର ପ୍ରତି ବିରୋଧ କରି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଏହି ସୁରକ୍ଷା ଓ ସାକ୍ଷର ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବ ବିଜେଡି ସଭାପତି ଧନଞ୍ଜୟ ରାଓ, ସମ୍ପାଦକ ଏସ୍. ଶ୍ରୀନୁ ରେଡ୍ଡୀ, ସମ୍ପାଦକ ଭବାନି ମହାପାତ୍ର, ଛାତ୍ର ବିଜେଡି ସମ୍ପାଦକ ୱାଇ. ବାଲକ୍ରୀଷ୍ଣା, ରଙ୍ଗେଇଲୁଣ୍ଡା ବ୍ଲକର ଉପାଧ୍ୟକ୍ଷ ଅଜିତ କୁମାର ଦାଶ, ହଳଦିଆପଦର ପଞ୍ଚାୟତର ସରପଞ୍ଚ ଏସ୍. ରାଜେଶ୍ୱରୀ ଦୋରା, ବିଷ୍ଣୁପ୍ରିୟା ନାୟକ, ଅରୁଣ ଦଳେଇ, ମିଳେନ୍ଦ୍ର ପ୍ରଧାନ, ୫୪ନଂ. ଜୋନ ଜିଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ଦଳେଇଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।

## ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ବୁଗୁଡ଼ା,୧୮।୧(ଡି.ଏନ.ଏ.)**

ବୁଗୁଡ଼ା ଶ୍ରୀ ବିରଞ୍ଚି ନାରାୟଣ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ନିଜସ୍ୱ ଖେଳ ପଡ଼ିଆରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ସ୍କୁଲର ଛାତ୍ରୀଛାତ୍ରମାନେ ସ୍ଥାନୀୟ ବିରଞ୍ଚି ନାରାୟଣ ମନ୍ଦିରରୁ କ୍ରୀଡ଼ା ଜ୍ୟୋତି ଧାରଣ କରି ଶୋଭାଯାତ୍ରାରେ ଖେଳ ପଡ଼ିଆକୁ ଆସିଥିଲେ। ସେଠାରେ ମୁଖ୍ୟଅତିଥି ରୂପେ ପିପୁଲ୍ସ କଲେଜର କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓପାତ୍ର ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ବାର୍ଷିକ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଏ. ଚନ୍ଦନ ଚର୍ଚ୍ଚିତ ପାତ୍ର, ଉପଦେଷ୍ଟା ସୁରେଶ ଚନ୍ଦ୍ର ଦାଶ ଓ ଅଧ୍ୟକ୍ଷ ଭଜରାମ ସ୍ୱାଇଁ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଖେଳ ପରିଚାଳନାରେ ଶିକ୍ଷୟିତ୍ରୀ ମମତା ଚୌଧୁରୀ, ସସ୍ମିତା ବେହେରା, ବିଷ୍ଣୁପ୍ରିୟା ଖାଡ଼ଙ୍ଗା ପ୍ରମୁଖ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ସ୍କାଉଟ, ଗାଇଡ ଶିବିର ଉଦ୍‌ଘାଟିତ

**ବୁଗୁଡ଼ା,୧୮।୧(ଡି.ଏନ.ଏ.)**

ବୁଗୁଡ଼ା ଏନ୍‌ଏସି ବୁଦ୍ଧଗିରି ବିଦ୍ୟାପୀଠ ପଡ଼ିଆରେ ଶୁକ୍ରବାର ଜିଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡର ୩ ଦିନିଆ ଶିବିରର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ମୁଖ୍ୟବକ୍ତା ଡାଇବେଟିସ୍ ବିଶେଷଜ୍ଞ ଡ. ସୁନିଲ କୋଟା ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମାମି ସେନାପତି, ଭଞ୍ଜନଗର ବିଇଓ ଏସ୍. ଧନଞ୍ଜୟ, ଏଡିଇଓ ବିନିତା ସେନାପତି, ଛତ୍ରପୁର ବିଇଓ ଅବିନାଶ ଶତପଥୀ, କୁକୁଡ଼ାଖଣ୍ଡି ବିଇଓ ଏସ୍. ଗିରିଧର, ବୁଗୁଡ଼ା ବିଇଓ ରସାନନ୍ଦ କର ପ୍ରମୁଖ ଯୋଗଦେଇଥିଲେ। ଜିଲାର ବିଭିନ୍ନ ସ୍କୁଲରୁ ୬୮୨ ଜଣ ସ୍କାଉଟ ଏବଂ ୧୦୧ ଜଣ ଗାଇଡ ଶିବିରରେ ଭାଗ ନେଇଥିଲେ। ଉକ୍ତ ଦିବସରେ ସ୍କାଉଟ ଓ ଗାଇଡମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଶିବିରକୁ ଜିଲା ସମ୍ପାଦକ ଭାଗିରଥୀ ସ୍ୱାଇଁ ଓ ନିରୀକ୍ଷକ ରାମହରି ସାହୁ ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ସ୍କୁଲରୁ ସ୍କାଉଟ ଶିକ୍ଷକ ଓ ଗାଇଡ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜାତୀୟ ସ୍ତର ବିଜ୍ଞାନମେଳାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# କାହ୍ନୁଚରଣ ତ୍ରିପାଠୀ ମେମୋରିଆଲ କ୍ରିକେଟ

**ମୁଣ୍ଡମରାଇ ଦଳ ବିଜୟୀ**

**ଆସିକା,୧୮।୧(ଡି.ଏନ୍.ଏ)**

ଆସିକା ଏନ୍‌ଏସିର ତାଲୁକା ସ୍ଥିତ ଜେଲ ସମ୍ମୁଖ ପଡ଼ିଆରେ ଶୁକ୍ରବାରରୁ ସପ୍ତମ କାହ୍ନୁଚରଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହାକୁ ଆସିକା ବିଧାୟକ ଦେବରାଜ ମହାନ୍ତି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆସିକା ତହସିଲଦାର ସୁବାସ ଚନ୍ଦ୍ର ସେଠିଆ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ମଧୁସ୍ମିତା ପୋଲାଇ, ପ୍ରମୋଦ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଅମରନାଥ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ହିଞ୍ଜିଳିକାଟୁ ଦଳ ଓ ମୁଣ୍ଡମରାଇ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଣ୍ଡମରାଇ ଦଳ ବିଜୟୀ ହୋଇଛି। ଟସ ଜିଣି ମୁଣ୍ଡମରାଇ ଦଳ ବଲିଂ ନିଷ୍ପତ୍ତି ନେଇଥିଲା। ହିଞ୍ଜିଳିକାଟୁ ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୬୫ ରନ କରିଥିଲେ। ଜବାବରେ ମୁଣ୍ଡମରାଇ ଦଳ ୧୪.୫ ଓଭରରେ ୪ଟି ଉଇକେଟ ହରାଇ ୧୬୮ରନ କରି ବିଜୟୀ ହୋଇଥିଲେ। ମୁଣ୍ଡମରାଣ ଦଳର ବଳରାମ ପ୍ରଧାନ ମ୍ୟାନ୍ ଅଫ଼ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ବୁବୁନା ହୋତା, ଆଲୋକ ପ୍ରସାଦ ମୁନି ଓ ଉମା ଶଙ୍କର ଦାସ।

# ବାବା ପାତାଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ

**ଫାଇନାଲରେ ପାଣ୍ଡିଆପଥର**

**ଆସିକା,୧୮।୧(ଡି.ଏନ୍.ଏ)**

ଆସିକା ବ୍ଲକର କେନ୍ଦୁପଦର ପଞ୍ଚାୟତ ଚାଟୁଳା ଗ୍ରାମରେ ଚାଲିଥିବା ବାବା ପାତାଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଖେଳ ପାଣ୍ଡିଆପଥର ଦଳ ଓ ଖଣ୍ଡରାବଳି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଣ୍ଡିପଥର ଦଳ ବିଜୟୀ ହୋଇ ଫାଇନଲରେ ପହଞ୍ଚିଛି। ଟସ ଜିଣି ଖଣ୍ଡରାବଳି ଦଳ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୭ ଉଇକେଟ ହରାଇ ୧୫୬ ରନ୍ କରିବା ବେଳେ ପାଣ୍ଡିଆପଥର ଦଳ ୧୩.୨ ଓଭରରେ ୪ଟି ଉଇକେଟ ହରାଇ ୧୫୭ ରନ କରି ବିଜୟୀ ହୋଇଥିଲେ। ପାଣ୍ଡିଆପଥର ଦଳର କାଳିଆ ସାହୁ ମେନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ସନ୍ତୋଷ କୁମାର ଖଟେଇ, ଚିନ୍ମୟ ଖଟେଇ ଓ ରାଜେଶ ଜେନା। ରବିବାର ପାଣ୍ଡିଆପଥର ଦଳ ଓ ବେଲଗୁଣ୍ଠା ଦଳ ମଧ୍ୟରେ ଏହି ମ୍ୟାଚର ଫାଇନାଲ ଖେଳ ହେବ।

## ଅନନ୍ତ ନାରାୟଣ ମହାବିଦ୍ୟାଳୟ ବାର୍ଷିକୋତ୍ସବ

**ଧରାକୋଟ,୧୮।୧(ଡି.ଏନ୍.ଏ.)**

ଧରାକୋଟସ୍ଥିତ ଅନନ୍ତନାରାୟଣ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ତହସିଲଦାର ଗଦାଧର ପାତ୍ର ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବିଇଓ ରବୀନ୍ଦ୍ର କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ଦିଲୀପ କୁମାର ସ୍ୱାଇଁ, ସି ଏଚ୍ ଶିବଶଙ୍କର ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। କଲେଜର ଅଧ୍ୟକ୍ଷ ଅକ୍ଷୟ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। କଲେଜର ୨୨ ବର୍ଷ ପୂର୍ତ୍ତି ଅବସରରେ ଅଧ୍ୟାପକ ବଳରାମ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ଲଡୁକିଶୋର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଭାଜପା ପକ୍ଷରୁ ସାଙ୍ଗଠନିକ ସମାବେଶ


ଶୋଭାଯାତ୍ରାରେ ଦଳୀୟ କାର୍ଯ୍ୟକର୍ତ୍ତା।

**ଦିଗପହଣ୍ଡି,୧୮।୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ଗ୍ରାମ ଠାକୁରାଣୀ ମନ୍ଦିର ପରିସରରେ ଶୁକ୍ରବାର ଭାଜପା ପକ୍ଷରୁ ସାଙ୍ଗଠନିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଇଂ. ଉତ୍ତମ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ପଞ୍ଚାୟତର ବହୁ ବିଜେଡିର ନେତୃସ୍ଥାନୀୟ କର୍ମୀ ଭାଜପାରେ ସାମିଲ ହୋଇଥିବା ଘୋଷଣା କରିଥିଲେ । ସଭା ପୂର୍ବରୁ ଭାଜପା ଦଳୀୟ କର୍ମୀମାନେ ଗଡ଼ଗୋବିନ୍ଦପୁର, ଧାନ୍ୟରାଶି, କଳିଙ୍ଗଦଳା ଆଦି ଗ୍ରାମ ପରିକ୍ରମା କରିବା ପରେ ସଭାସ୍ଥଳରେ ପହଞ୍ଚିଥିଲେ। ଆୟୋଜିତ ସଭାରେ କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଗୁଡ଼ିକୁ ପ୍ରତ୍ୟେକ ଗ୍ରାମରେ ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ଉପସ୍ଥିତ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଭାଜପା ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ବନଜା ପଣ୍ଡା, ସନ୍ତୋଷ କୁମାର ସାହୁ, ରଘୁନାଥ ସାମନ୍ତରା, ଶୁଭ୍ରାଂଶୁ ପ୍ରଧାନ, ଦିଲୀପ ପ୍ରଧାନ,

**ଭାଜପାରେ ସାମିଲ ହେଲେ ବିଜେଡି ଯୁବକର୍ମୀ**

ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଗଡ଼ଗୋବିନ୍ଦପୁର ଗ୍ରାମର ବିଜେଡି କର୍ମୀ କିଶୋର ମହାରଣା, ଶିବ ସାହୁ, ଦିବାକର ସେଠୀ, ବିଜୟ ସାହୁ, ଶ୍ରୀକାନ୍ତ ବେହେରା, କୁନା ମହାରଣା, ମନ୍ମଥ ପ୍ରଧାନ, ମିଥୁନ ପ୍ରଧାନ, ଶତ୍ରୁଘ୍ନ ପ୍ରଧାନ, କିଶୋର ପ୍ରଧାନ ପ୍ରମୁଖ ଭାଜପାରେ ସାମିଲ ହୋଇଥିବା ସଭାରେ ଘୋଷଣା କରାଯାଇଥିଲା ।

## ସଂକ୍ଷେପରେ

### ବାପା-ମା’ ଛେଉଣ୍ଡ ୪ ସନ୍ତାନଙ୍କୁ ମିଳିଲା ସହାୟତା



ଜୟପୁର,୧୮।୧(ଡି.ଏନ୍.ଏ.) ଜୟପୁର କୁମ୍ଭାର ସାହିରେ ପ୍ରଥମେ ମାତା ଓ ପରେ ପିତାଙ୍କ ମୃତ୍ୟୁ ହେବା ଯୋଗୁଁ ୪ଜଣ ସନ୍ତାନ ମା-ବାପା ଛେଉଣ୍ଡ ହୋଇଥିଲେ। ଏନେଇ ଶୁକ୍ରବାର ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ପୌର ସ୍ୱାସ୍ଥ୍ୟ ଅଧିକାରୀ ଓ ଚାଇଲ୍ଡ ଲାଇନର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୌରସଂସ୍ଥା ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଏବଂ ପ୍ରଶାସନର ନିର୍ଦ୍ଦେଶ କ୍ରମେ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ କାଉନସିଲର ସିମାଞ୍ଚଳ ବିଶୋୟୀ ଉପସ୍ଥିତ ଥିଲେ। ଶୁଦ୍ଧିକ୍ରିୟା ପରେ ୪ ଶିଶୁଙ୍କୁ ପ୍ରଶାସନ ଶିଶୁକେନ୍ଦ୍ରରେ ରଖିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ଦାସ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୌରସଂସ୍ଥାର ମୁଖ୍ୟ କିରାଣି କୃଷ୍ଣଚନ୍ଦ୍ର ପାଳ, ଚାଇଲ୍ଡ ଲାଇନର ପୂର୍ଣ୍ଣିମା ଦାସ, ହେମନ୍ତ ପାତ୍ର ଉପସ୍ଥିତ ଥିଲେ।

### ମୃତଦେହ ବୋହିଲେ ପରିବାର



କୋରାପୁଟ,୧୮।୧(ସ୍ୱ.ପ୍ର.): କୋରାପୁଟ ମେଡ଼ିକାଲରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଜିଲାର ଚାଲାଣପୁଟ ଗ୍ରାମର ତ୍ରିନାଥ ସପାରୟାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ମହାପ୍ରୟାଣ ଗାଡ଼ି ନ ମିଳିବାରୁ ପରିବାରବର୍ଗ ବାଧହୋଇ ମୃତଦେହକୁ ବୋହିକରି ମେଡିକାଲ ଗେଟ୍ ସମ୍ମୁଖରେ ରଖିଥିଲେ। କିଛି ସମୟ ପରେ ଗାଡ଼ି ଆସିବାରୁ ମୃତଦେହକୁ ସରକାରୀ ଗାଡ଼ିରେ ମାଗଣାରେ ନେଇଛନ୍ତି। ମୃତଦେହ କୋରାପୁଟ ବ୍ୟବଚ୍ଛେଦ ଗୃହରେ ପ୍ରାୟ ୨ ଘଣ୍ଟା କାଳ ଥିବା ଅଭିଯୋଗ ପାଇ ପୂର୍ବତନ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଜିଲାପାଳ, ମେଡିକାଲ କଲେଜ ଅଧୀକ୍ଷକ ଓ ମ୍ୟାନେଜରଙ୍କୁ ଫୋନ କରି ଗରିବ ପରିବାରକୁ ମାଗଣାରେ ମହାପ୍ରୟାଣ ଗାଡ଼ିର ବ୍ୟବସ୍ଥା କରିବା ପାଇଁ ନିବେଦନ କରିଥିଲେ। କିନ୍ତୁ ଗାଡ଼ି ଆସି ନଥିଲା। ଏକ ବେସରକାରୀ ଆମ୍ବୁଲାନ୍ସ ଆସିବା ପରେ ତାହା ମୃତଦେହ ନେବା ପାଇଁ ୨୫୦୦ ଟଙ୍କା ଦାବି କରିଥିଲା। ଗାଡ଼ି ନ ଆସିବା ଓ ହାତରେ ଟଙ୍କା ନଥିବାରୁ ବାଧହୋଇ ପରିବାରବର୍ଗ ମୃତଦେହକୁ ବ୍ୟବଚ୍ଛେଦ ଗୃହରୁ ବୋହିନେଇ ମେଡିକାଲ ଗେଟ ସମ୍ମୁଖରେ ରଖିଥିଲେ। ଏହି ସମୟରେ ମହାପ୍ରୟାଣ ଗାଡ଼ି ଆସିବାରୁ ନେବାକୁ କୁହାଯାଇଥିଲା। କିନ୍ତୁ ପରିବାର ଲୋକେ ଚାଲିଚାଲି ଓ ବୋହିକରି ମୃତଦେହ ନେବୁ ବୋଲି ଜିଦ୍ ଧରିଥିଲେ। ପରିବାର ଲୋକଙ୍କୁ ବୁଝାସୁଝା କରିବା ପରେ ମହାପ୍ରୟାଣ ଗାଡ଼ିରେ ଶବ ନିଆଯାଇଥିଲା।

### ପୃଥକ୍ ଦୁର୍ଘଟଣାରେ ୨ ମୃତ

ନବରଙ୍ଗପୁର,୧୮।୧(ଡି.ଏନ୍.ଏ.)- ନବରଙ୍ଗପୁର ଅଞ୍ଚଳରେ ପୃଥକ୍ ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ଘଟିଛି। ଏନେଇ ନବରଙ୍ଗପୁର ଥାନାରେ ୨ଟି ମାମଲା ରୁଜୁ ହୋଇଛି। ତେନ୍ତୁଳିଖୁଣ୍ଟି ବ୍ଲକ କୁର୍ମାକୋଟ ଗାଁର ଲୋକନାଥ କର୍କରା ଗୁରୁବାର ସନ୍ଧ୍ୟାରେ ଏକ ବାଇକ (ଓଡି-୨୪ସି-୩୯୭୨)ରେ ଯାଉଥିବା ବେଳେ କୁକୁଡାବାଇ ଛକରେ ଏକ ସିମେଣ୍ଟ ଖୁଣ୍ଟରେ ପିଟି ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନା ଆଣି ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଲୋକନାଥଙ୍କ ମୃତ୍ୟୁ ଘଟିଛି ବୋଲି ସମ୍ପର୍କୀୟ ଅନୀଲ କର୍କରା କହିଛନ୍ତି। ସେହିଭଳି କୋଡିଙ୍ଗା ଥାନା ଅଧିନ ସରଗିଗୁଡା ଗାଁର ବଲଭ ପୂଜାରୀ ନବରଙ୍ଗପୁରରୁ ଫେରୁଥିବାବେଳେ ଏକ ଅଟୋରିକ୍ସା ସହ ତାଙ୍କର ଧକ୍କା ହୋଇଥିଲା। ବଲ୍ଲଭଙ୍କୁ ନବରଙ୍ଗପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

■ ଚଢ଼ାଉ ପରେ ନକଲି ମସଲା ପ୍ୟାକିଂ କାରଖାନା ସିଲ୍

# ଭୁବନେଶ୍ୱର ଗଲା ନମୁନା, ବ୍ରହ୍ମପୁରରେ ଚେର

ଜୟପୁର,୧୮।୧(ନି.ପ୍ର./ଡି.ଏନ୍.ଏ.)

ଏଭରେଷ୍ଟ, ଏମ୍‌ଡିଏଚ୍ ଭଳି ବ୍ରାଣ୍ଡ ମସଲା କମ୍ପାନିର ପେପର, ଲେବଲ ଓ ପ୍ୟାକିଂ କଭର ଭିତରେ ବଜାରକୁ ଛଡ଼ାଯାଉଥିଲା ନକଲି ମସଲା। ଏସବୁ ବ୍ରହ୍ମପୁରରୁ ଅଣାଯାଇ ଜୟପୁରରେ ପ୍ୟାକିଂ କରାଯାଉଥିଲା। ଏଭଳି ନକଲି ମସଲା କାରଖାନାରେ ଗୁରୁବାର ଚଢ଼ାଉ କରି ସିଲ୍ କରିଛି ଜୟପୁର ଟାଉନଥାନା ପୋଲିସ। ଶୁକ୍ରବାର ପୂର୍ବାହ୍ନରେ କୋରାପୁଟରୁ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଜିତେନ୍ଦ୍ର ମହନ୍ତ ଟାଉନଥାନାରେ ପହଞ୍ଚି ମସଲା ଗୁଣ୍ଡର ପ୍ରାଥମିକ ଯାଞ୍ଚ କରିଛନ୍ତି। ଏହାପରେ ମାନ ନିର୍ଣ୍ଣୟ ପାଇଁ ମସଲାର ନମୁନାକୁ ଭୁବନେଶ୍ୱର କେନ୍ଦ୍ରୀୟ ପରୀକ୍ଷାଗାରକୁ ପଠାଯାଇଛି। ପୋଲିସ ହରିହର ପାତ୍ର ନାମକ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛନ୍ତି।

ସୂଚନା ଅନୁଯାୟୀ, ଗତ ଗୁରୁବାର ରାତିରେ ଜୟପୁର ଟାଉନ ପୋଲିସ ପ୍ରସାଦରାଓ ପେଟାର ଗୋଦାମ ଓ ଜୟନଗରରେ ଥିବା କାରଖାନା ଉପରେ ଚଢାଉ କରିଥିଲା। ଏଥିରେ ୫ ଲକ୍ଷ ଟଙ୍କାର ୨ଟି ମେସିନ, ନାମୀ ମସଲା କମ୍ପାନିର ଖୋଳ, ଲୁଜ୍ ମସଲା, ପ୍ୟାକେଟ ମସଲା ଜବତ କରାଯାଇଥିଲା। ଜୟନଗର-କୁନ୍ତରଖାଲ ନିଛାଟିଆ ରାସ୍ତାର ସିମେଣ୍ଟ ଦୋକାନ ପଛପଟେ ଭଡ଼ାଘରେ ଚାଲିଥିଲା ଏହି କାରଖାନା।



ନକଲି ମସଲା କାରଖାନାରେ ଜବତ ହୋଇଥିବା ସାମଗ୍ରୀ।

ଏଥିରେ ଗିରଫ ହୋଇଥିବା ହରିହର ପାତ୍ର ବ୍ରହ୍ମପୁରର ହୋଇଥିବା ବେଳେ ଏଭଳି ନକଲି କାରବାରର ଚେର ବ୍ରହ୍ମପୁର ଯାଏଁ ଲମ୍ବିଛି। ଅଭିଯୁକ୍ତ ହରିହର ନିଜକୁ ନିର୍ଦ୍ଦୋଷ କହିବା ସହ ଏହି ଜିନିଷ ସବୁ ଜଣେ ସାଙ୍ଗର ବୋଲି କହିଛନ୍ତି। କିନ୍ତୁ ନକଲି ମାଲ ବଜାରକୁ ଆସୁଥିବାରୁ ବିକ୍ରି କମିଥିବା କହିଛନ୍ତି ଏଭରେଷ୍ଟ କମ୍ପାନି ମ୍ୟାନେଜର ସାଗର ଘୋଷ। ମସଲାର କଲର, ପ୍ୟାକିଂ, ବାର କୋଡ୍ ମିଶୁ ନଥିବାରୁ ଏହାକୁ ନକଲି ବୋଲି କମ୍ପାନି କର୍ମଚାରୀ ଦାବି କରୁଛନ୍ତି। ଏହି କାରଖାନା ଚଳାଇବା ପଛରେ କେଉଁମାନେ ଅଛନ୍ତି, ତାହାର ତାଲିକା ପୋଲିସ ପ୍ରସ୍ତୁତ କରିଥିବା ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୭ରେ ସ୍ଥାନୀୟ ଦୋଳମଣ୍ଡପ ସାହିରେ ନକଲି ଗୁଟ୍‌ଖା କାରଖାନା ଠାବ କରାଯାଇଥିଲା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବୈପାରୀଗୁଡ଼ା,୧୮।୧(ଡି.ଏନ୍.ଏ.): ବୈପାରୀଗୁଡ଼ା ଗୌଡ଼ସାହି ଶ୍ମଶାନ ନିକଟରେ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଗଛ ଡାଳରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତ ଯୁବକ ହେଲେ ରାମଗିରି ଗ୍ରାମର ନିକୁଞ୍ଜ ବିହାରୀ ରାଉତ (୪୦)। ଖବର ପାଇ ବୈପାରୀଗୁଡ଼ା ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ନିକୁଞ୍ଜଙ୍କ ଘର ଏଠାରୁ ୨୨ କିମି ଦୂରରେ ଥିବାବେଳେ ଗୁରୁବାର ସେ ବୈପାରୀଗୁଡ଼ା ବଜାରରେ ବୁଲୁଥିବା କେତେଜଣ ଦେଖିଥିଲେ। କିନ୍ତୁ ଜଙ୍ଗଲିଆ ଇଲାକାରୁ ତାଙ୍କର ଝୁଲନ୍ତା ମୃତଦେହ ଠାବ ହେବା ଘଟଣାକୁ ଅଧିକ ରହସ୍ୟମୟ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ। ମୃତ ନିକୁଞ୍ଜ ବିବାହିତ। ଘରେ ତାଙ୍କର ପତ୍ନୀଙ୍କ ସହ ୨ ଛୋଟ ଝିଅ ଅଛନ୍ତି।

■ ଜନଜାତି ଉପଯୋଜନା କାର୍ଯ୍ୟକ୍ରମର ଶୁଭାରମ୍ଭ

# ବୈଜ୍ଞାନିକ ପଦ୍ଧତିରେ ମାଛଚାଷ ପାଇଁ ଆହ୍ୱାନ

କୋରାପୁଟ,୧୮।୧(ସ୍ୱ.ପ୍ର.)

ରାଜ୍ୟ ସରକାର, ଜିଲା ମତ୍ସ୍ୟ ବିଭାଗ, ସିଫା ଓ ପ୍ରଗତି ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟରେ ମାଛଚାଷ ପାଇଁ କୋରାପୁଟ ଜିଲା ଜନଜାତି ଉପଯୋଜନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏଥିରେ ୫୦୦ ଆଦିବାସୀ ଚାଷୀ, ସ୍ୱେଚ୍ଛାସେବୀ ସଂଘ, ବ୍ୟାଙ୍କ, ସରକାରୀ ଅଧିକାରୀ ଓ ବୈଜ୍ଞାନିକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସିଫା ଅଧକ୍ଷ ତଥା ପ୍ରଧାନ ବୈଜ୍ଞାନିକ ଡ. ବି.ସି. ମହାପାତ୍ର ସିଫା ଦ୍ୱାରା ଦେଶରେ ପରିଚାଳିତ ଜନଜାତି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ଓ କୋରାପୁଟ ଜିଲାର ଆଦିବାସୀଙ୍କ ପାଇଁ ଥିବା କାର୍ଯ୍ୟକ୍ରମ ବାବଦରେ କହିଥିଲେ। କୋରାପୁଟର ପୂର୍ବତନ ଜିଲାପାଳ ତଥା ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସଂପାଦକ ଗଦାଧର ପରିଡ଼ା ମୁଖ୍ୟ ଅତିଥି ଭାବେ ଜନଜାତି ଉପଯୋଜନା କାର୍ଯ୍ୟକ୍ରମର ଶୁଭାରମ୍ଭ କରି ବୈଜ୍ଞାନିକ ପଦ୍ଧତିରେ ମାଛଚାଷ କରିବା ପାଁ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ। ସିଫା ନିର୍ଦ୍ଦେଶକଙ୍କ ପ୍ରତିନିଧି ତଥା ବୈଜ୍ଞାନିକ କାନ୍ତା ଦାସ ମହାପାତ୍ର ଅଧକ୍ଷତା କରି ଜୀବିକା ଉପାର୍ଜନ ସହ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ମାଛଚାଷର ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳାଛାୟା ପ୍ରକଳ୍ପର ଉପନିର୍ଦ୍ଦେଶକ ଭବାନି ଶଙ୍କର କାଲୋ, ମତ୍ସ୍ୟ ଉପନିର୍ଦ୍ଦେଶକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ବିଭାଗ ମୁଖ୍ୟ, ନାବାର୍ଡ ଏଜିଏମ ମୁରଲି ମିଶ୍ର, ସିଡିଭିଓ ଉପସ୍ଥିତ ଥିଲେ। ଏହି ଅବସରରେ ସିଫା ବୈଜ୍ଞାନିକଙ୍କ ଦ୍ୱାରା ମାଛ ଚାଷ ଉପରେ ଲିଖିତ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସିଫା ବୈଜ୍ଞାନିକ ପ୍ରଭାତୀ ସାହୁ, ଡି. ପଣ୍ଡା, ଏସ୍. ସରକାର, ପଙ୍କଜ ତିୱାରି, ସିଫା ବରିଷ୍ଠ ବୈଷୟିକ ଅଧିକାରୀ ୟୁ.ଏଲ୍. ମହାନ୍ତି, ଡି. ମାଝି, ‘ପ୍ରଗତି’ କାର୍ଯ୍ୟକାରୀ ନିର୍ଦ୍ଦେଶିକା ଲୁନା ପଣ୍ଡା ଯୋଗ ଦେଇଥିଲେ।



ଆଦିବାସୀ ସଂଗ୍ରହାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ପାଣି ପଞ୍ଚାୟତ ପକ୍ଷ ପାଳିତ

ଜୟପୁର,୧୮।୧(ଡି.ଏନ୍.ଏ./ନି.ପ୍ର.)

ସ୍ଥାନୀୟ ସତୀଗୁଡ଼ା ଡ୍ୟାମ୍ ନିକଟସ୍ଥ କାର୍ଯ୍ୟାଳୟରେ ଜୟପୁର ଇରିଗେସନ କୋଲାବ ଡିଭିଜନ ପକ୍ଷରୁ ଶୁକ୍ରବାର ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଛି। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସରୋଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହ-କୃଷି ନିର୍ଦ୍ଦେଶକ ବିଶ୍ୱରାଜ ରଥ, ସମ୍ମାନିତ ଅତିଥି ଭାବେ ସ୍ୱାମୀନାଥନ ଫାଉଣ୍ଡେସନର ଉନ୍ନତିକରଣ ସଂଯୋଜକ ନିରଞ୍ଜନ ଗୌଡ଼, ଧନପୁର ପାଣିପଞ୍ଚାୟତ ସଭାପତି ସଦାଶିବ ତ୍ରିପାଠୀ, ପଦ୍ମପୁର ସଭାପତି ରାମ ସାମନ୍ତରାୟ ଯୋଗ ଦେଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ମିଶ୍ର ପରିଚାଳନା ଓ ଉପ-କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶିବପ୍ରସାଦ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏଥିରେ ଜୟପୁର କୋଲାବ ବିଭାଜନ ୨୫ଟି ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ। ପାଣି ପଞ୍ଚାୟତ ମାଧ୍ୟମରେ ଜମିକୁ ପାଣି ଯୋଗାଣ ପାଇଁ ୩ ବର୍ଷ ମଧ୍ୟରେ ୩ କୋଟି ଟଙ୍କାର ଅଟକଳ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ମାତ୍ର ୧୫ ଲକ୍ଷ ଟଙ୍କାର କାର୍ଯ୍ୟ କରାଯାଇଛି। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ଚନ୍ଦନବାଡ଼ ସରକାରୀ ପୌର ଉଚ୍ଚ ବିଦ୍ୟାଳୟର ଛାତ୍ର ସୂର୍ଯ୍ୟ ନାରାୟଣ ମହାରଣା ପ୍ରଥମ ହୋଇ ୨ହଜାର, ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ୱାଗତ ମଣ୍ଡଳ ଦ୍ୱିତୀୟ ହୋଇ ୧ ହଜାର ଓ ଆମ୍ବାଗୁଡ଼ା ଉଚ୍ଚ ବିଦ୍ୟାଳୟର ସିଦ୍ଧାନ୍ତ ଗୌଡ଼ ତୃତୀୟ ହୋଇ ୫ଶହ ଟଙ୍କା ପୁରସ୍କାର ପାଇଥିଲେ।



ପାଣି ପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଚଟାଣରେ ଶୋଉଥିଲେ ପିଲା

### ଅଭିଯୋଗ ପରେ ଆସିଲା ୧୧୦ଖଟ

ଦଶମନ୍ତପୁର,୧୮।୧(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନିବାସ ପାଇଁ ୧୧୦ଟି ଖଟ ଏବଂ ଶେଯ କର୍ତ୍ତୃପକ୍ଷ ଯୋଗାଇଛନ୍ତି। ଖଟ ଅଭାବରୁ ପିଲାମାନେ ଚଟାଣରେ ଶୋଉଥିବା ଖବର ‘ଧରିତ୍ରୀ’ରେ ପ୍ରକାଶ ପାଇଥିଲା। ଏହାପରେ ପ୍ରଶାସନ ଉକ୍ତ ପଦକ୍ଷେପ ନେଇଛି। ଖଟିଆ ଯୋଗାଣକୁ ପିଲାମାନେ ସ୍ୱାଗତ କରିଥିବାବେଳେ ସ୍କୁଲରେ ସୁରକ୍ଷା ବ୍ୟବସ୍ଥା ପାଇଁ ପାଚେରୀ ଏବଂ ମୁଖ୍ୟ ଫାଟକରେ କବାଟ ଲଗାଇବାକୁ ଦାବି କରିଛନ୍ତି। ଡବ୍ଲ୍ୟୁଇଓ ହରିଶ୍ଚନ୍ଦ୍ର ଛୋଟରାୟ ପାଚେରୀ ଏବଂ ମୁଖ୍ୟ ଫାଟକରେ କବାଟ ଲାଗିବା ପାଇଁ ବ୍ୟବସ୍ଥା କରିବାକୁ ଉପରିସ୍ଥତ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି।

# ବିବାହର ୩ଦିନ ପୂର୍ବରୁ କନ୍ୟା ଫେରାର

ଜୟପୁର,୧୮।୧(ଡି.ଏନ୍.ଏ.)

ଜୟପୁର ପୁରୁଣାଗଡ଼ ଅଞ୍ଚଳର ଜଣେ ୨୦ ବର୍ଷୀୟା ଯୁବତୀଙ୍କ ଆସନ୍ତା ରବିବାର ନବରଙ୍ଗପୁର ଜିଲା ପାପଡାହାଣ୍ଡି ଅଞ୍ଚଳର ଯୁବକଙ୍କ ସହିତ ବିବାହ ହେବାର ଥିଲା। ଏନେଇ ସମସ୍ତ ପ୍ରକାର ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ଥିଲେ ପରିବାର। କିନ୍ତୁ ହଠାତ୍ ଯୁବତୀ ଜଣକ ଗତ ଗୁରୁବାର କୁଆଡ଼େ ଚାଲିଯାଇଥିଲେ। ପରିବାର ପକ୍ଷରୁ ଏନେଇ ଟାଉନଥାନାରେ ଏତଲା ଦିଆଯାଇଛି। କୌଣସି ଯୁବକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିବା ଯୋଗୁଁ କନ୍ୟା ତାଙ୍କ ସହ ଫେରାର ହୋଇଯାଇଥିବା ନେଇ ବର ଓ ତାଙ୍କ ପରିବାର ଟାଉନଥାନାରେ ପହଞ୍ଚି ଏତଲା ଦେଇଛନ୍ତି। ଏ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପୋଲିସ କେବଳ ନିଖୋଜ ମାମଲା ରୁଜୁ କରିଥିବା ବେଳେ ଯୁବତୀ ସାବାଳିକା ହୋଇଥିବା ଯୋଗୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ ବୋଲି ରୋକଠୋକ୍ କହିଛି।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ରକ୍ତଦାନ ଶିବିରରେ ଜଣେ ରକ୍ତଦାତା ରକ୍ତ ଦେଉଛନ୍ତି।

ଦାମନଯୋଡ଼ି,୧୮।୧(ସ୍ୱ.ପ୍ର.)

ସରସ୍ୱତୀ ବିଦ୍ୟାମନ୍ଦିର ରେଡ଼ରିବନ୍ କ୍ଲବ୍ ଓ ଯୁବରେଡ଼କ୍ରସ୍ ତରଫରୁ ନେତାଜୀ ଜୟନ୍ତୀ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କୋରାପୁଟ ରକ୍ତଭଣ୍ଡାର ଅଧିକାରୀଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଉକ୍ତ ରକ୍ତଦାନ ଶିବିରରେ ୬୧ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ଏହାକୁ ନାଲ୍‌କୋ ଇଡି ରବିଶଙ୍କର ଦାସ ଉଦ୍‌ଘାଟନ କରିଥିବାବେଳେ ମହାପ୍ରବନ୍ଧକ ରମେଶଚନ୍ଦ୍ର ଯୋଶି ଓ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଶୁଭ୍ରାଂଶୁଶେଖର ବାହିନୀପତି ପ୍ରଥମେ ରକ୍ତଦାନ କରିଥିଲେ। ନାଲ୍‌କୋ ଅଧିକାରୀ ପ୍ରଶାନ୍ତ କୁମାର ଷଡ଼ଙ୍ଗୀ, ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ରହି ନୂତନ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବି. ଗଙ୍ଗାଧର, ବିଶ୍ୱୟିନୀ ନାୟକ, ସଞ୍ଜୟ ସିଂ, ରୀନା ରକ୍ତ ସଂଗ୍ରହ କରିଥିବାବେଳେ ନରେଶ ସାହୁ ଶିବିର ପରିଚାଳନା କରିଥିଲେ। ଅଶୋକ ମହାନ୍ତି, ନାରାୟଣ ଲମତା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

ଛାତ୍ର ବିଜେଡିର ‘ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ’

# ଛାତ୍ରବୃତ୍ତି ପ୍ରଦାନରେ ଐତିହାସିକ ଅନ୍ୟାୟ କରିଛି କେନ୍ଦ୍ର



ଆୟୋଜିତ ସାଧାରଣ ସଭାରେ ବିଜୁ ଛାତ୍ର, ଯୁବଦଳର ଉପସ୍ଥିତ କର୍ମକର୍ତ୍ତା।

କୋରାପୁଟ,୧୮।୧(ସ୍ୱ.ପ୍ର.)–

କୋରାପୁଟ ଜିଲା ଛାତ୍ର ବିଜେଡି ତରଫରୁ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ‘ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ’ ଅନୁଷ୍ଠିତ ହୋଇଛି। କେନ୍ଦ୍ର ସରକାରଙ୍କ ଛାତ୍ରବୃତ୍ତି ରାଶି ହ୍ରାସ ବିରୋଧରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହିତ ସାଧାରଣସଭା କରାଯାଇ ଲୋକଙ୍କୁ ସଚେତନ କରାଯାଇଛି। ଜିଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନାବୋର୍ଡ ସଦସ୍ୟ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ କୋରାପୁଟ ବିଧାୟକ ରଘୁରାମ ପୋଡ଼ାଲ, ଗୁପ୍ତ ପ୍ରସାଦ ଦାସ, ଜିଲା ଯୁବ ବିଜେଡି ସଭାପତି ଅମିତ ଅଗ୍ରୱାଲ, ରଘୁ ମାଛ, ଶିବ ପଟ୍ଟନାୟକ, ଲଲାଟ ରଞ୍ଜନ ସେଠୀ ଏବଂ ଅଶ୍ୱିନୀ ସାହୁ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ଅନୁସୂଚିତ ଜାତି ବିଭାଗ ଛାତ୍ରୀଛାତ୍ରମାନଙ୍କ ପାଇଁ ଐତିହାସିକ ଅନ୍ୟାୟ ଓ ବୈଷମ୍ୟ ସୃଷ୍ଟି କରୁଥିବା ଦଳ ଅଭିଯୋଗ କରିଛି। ପୂର୍ବରୁ କେନ୍ଦ୍ର ସରକାର ଅନୁସୂଚିତ ଜାତି ବିଭାଗ ଛାତ୍ରୀଛାତ୍ରଙ୍କ ଛାତ୍ରବୃତ୍ତି ପାଇଁ ଦେଉଥିବା ଅର୍ଥରାଶି ୯୦ ପ୍ରତିଶତରୁ କମାଇ ବର୍ତ୍ତମାନ ମାତ୍ର ୨୦ ପ୍ରତିଶତ ଦେଉଛି। ଏହା ବିରୋଧରେ ଦଳ ଜିଲାର ସମସ୍ତ ମହାବିଦ୍ୟାଳୟରେ ସଭାକରି ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ନାର୍ଯ୍ୟ ପ୍ରାପ୍ୟ ସମ୍ପର୍କରେ ସଚେତନ କରିବ ବୋଲି କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି।

# ଜାତୀୟ ମତଦାତା ଦିବସ ପାଳନ ପ୍ରସ୍ତୁତି ବୈଠକ

କୋରାପୁଟ,୧୮।୧(ସ୍ୱ.ପ୍ର.)

ଜାତୀୟ ମତଦାତା ଦିବସ ପାଳନ ନେଇ ଶୁକ୍ରବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପଜିଲାପାଳ ଲଳିତ କୁମାର କହଁର, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁଙ୍କ ସମେତ ବହୁ ଅଧିକାରୀ ଯୋଗଦେଇ ଏହି ଦିବସକୁ କିପରି ସୂଚାରୁରୂପେ ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ। ୨୫ ତାରିଖରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଶେଷରେ ସଂସ୍କୃତି ଭବନରେ ପହଞ୍ଚିବେ। ପରେ ସେଠାରେ ଏକ ସାଧାରଣସଭା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଭୋଟରଙ୍କୁ ମତଦାନ ଅଧିକାର ସାବ୍ୟସ୍ତ କରିବାକୁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ସେ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଜାତୀୟ ମତଦାତା ଦିବସରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

# ବିକାଶ ବଦଳରେ ସମସ୍ୟାକୁ ପୁଞ୍ଜି କରିଛି ପୁଞ୍ଜିସିଲ

କୋରାପୁଟ,୧୮।୧(ସ୍ୱ.ପ୍ର.)

ଗାଁର ବିକାଶ ପାଇଁ ରାସ୍ତା, ପାଣି, ଆବାସ, ସ୍କୁଲ ଭଳି ମୌଳିକ ସୁବିଧା ଦରକାର। କିନ୍ତୁ ଏସବୁ ପାଇବାରୁ ବଞ୍ଚିତ ହୋଇଛି ଗୋଟିଏ ଆଦିବାସୀ ପଡ଼ା। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତ ଦୁର୍ଗମ ପୁଞ୍ଜିସିଲ ହେଉଛି ସେହିଭଳି ଏକ ଗାଁ, ଯେଉଁଠି ଏଭଳି ନାନାଦି ମୌଳିକ ସମସ୍ୟା ଗାଁ ଲୋକଙ୍କ ଭିତରେ ପୁଞ୍ଜୀଭୂତ ଅସନ୍ତୋଷ ସୃଷ୍ଟି କରିଛି।

ବ୍ଲକ ସଦରରୁ ୪୫ କିମି ତଥା ମୁଜାଙ୍ଗ ପଞ୍ଚାୟତରୁ ୬ କିମି ଦୂରରେ ରହିଛି ଏହି ଗାଁ। ଏଠାରେ ୫୪ଟି ଆଦିବାସୀ ପରଜା ସଂପ୍ରଦାୟର ପରିବାର ରହୁଛନ୍ତି। ଏମାନଙ୍କ ମୁଖ୍ୟ ଜୀବିକା ହେଉଛି ଚାଷ। ଦୀର୍ଘ ବର୍ଷ ପରେ ବି ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ। ପାହାଡିଆ ଚଲାରାସ୍ତାରେ ମୁଜାଙ୍ଗ ପଞ୍ଚାୟତକୁ ଆସିଲେ ତାପରେ ଗାଡ଼ି ମିଳେ। ରାସ୍ତାର ଦୁରାବସ୍ଥା ଯୋଗୁଁ ଗ୍ରାମବାସୀ ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ବହୁ ଅସୁବିଧା ଭୋଗୁଛନ୍ତି। ଏଠାକାର ଅଙ୍ଗନୱାଡ଼ି କେନ୍ଦ୍ର ଠିକ୍ ଭାବେ ଖୋଲୁନି। ପିଲାମାନେ ଛତୁଆରୁ ଆରମ୍ଭ କରି ପ୍ରାକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ରକୁ ଆସୁଥିବା ଅଣ୍ଡା, ଛତୁଆ ବାଟମାରଣା ହେଉଥିବା ଗ୍ରାମର କୃଷ୍ଣ ବଡ଼ନାୟକ, ନୀଳାମ୍ବର ବଡ଼ନାୟକ, ଟଙ୍କ ବଡ଼ନାୟକ ଅଭିଯୋଗ କରିଛନ୍ତି। କାହାର ଦେହ ଖରାପ ହେଲେ ଗାଁରୁ ୨ କିମି ଦୂର ଖଟିଆରେ ବୋହି ନିଆଯାଏ। ସ୍ଥାନୀୟ ବିଦ୍ୟାଳୟରେ ପ୍ରଥମ ଓ ପଞ୍ଚମ ଶ୍ରେଣୀ ଯାଏଁ ପ୍ରାୟ ୨୫ ଜଣ ପିଲା ପଢ଼ିଥାନ୍ତି। ପାହାଡ଼ ଉପରେ ଥିବାରୁ ସ୍କୁଲରେ ପାନୀୟ ଜଳ ବ୍ୟବସ୍ଥା ହୋଇପାରୁ ନାହିଁ। ପ୍ରଧାନ ଶିକ୍ଷକ ମନୋରଞ୍ଜନ ଦାସ କହିଛନ୍ତି, ସମସ୍ୟା ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ ସମାଧାନ ହୋଇନାହିଁ। ଏଠାରେ ଉତ୍କଟ ପାନୀୟ ଜଳ ସମସ୍ୟା ଯୋଗୁ ଜିଲା ପ୍ରଶାସନ ସୌରଶକ୍ତି ଯୋଗେ ନଳକୂପରୁ ପାଣି ଉଠାଇ ଏକ ଟାଙ୍କିରେ ରଖିବା ବ୍ୟବସ୍ଥା କରିଛି। କିନ୍ତୁ ଏହାର କଭର ନଥିବାରୁ ଏଥିରେ ବାହାର ଅଳିଆ ପଡୁଛି। ଟାଙ୍କିରେ ଲିକେଜ ସାଙ୍ଗକୁ ଗାଁରେ ଏକମାତ୍ର ଟ୍ୟାପ୍ ରହିଥିବା ଯୋଗୁଁ ଗ୍ରାମବାସୀ ପାଣି ପାଇବାରେ ଅସୁବିଧା ଭୋଗୁଛନ୍ତି। ବେଳେବେଳେ ଗାଁଲୋକେ ନାଳପାଣି ମଧ୍ୟ ବ୍ୟବହାର କରୁଥିବା ଗ୍ରାମର ଅଗଣି ବଡ଼ନାୟକ, ରାବଙ୍କ ବଡ଼ନାୟକ, କୁମୁଦିନୀ ଦାମୀ କହିଛନ୍ତି। ୨ରୁ ୩ ବର୍ଷ ହେଲା ଗୋଟିଏ ବି ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ମିଳିନାହିଁ। ମୁଜାଙ୍ଗ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଓ ବ୍ଲକ କର୍ତ୍ତୃପକ୍ଷ ତଥା ଜିଲାପାଳଙ୍କୁ ଏ ସମସ୍ତ ସମସ୍ୟା ଅବଗତ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳି ନଥିବା ଗ୍ରାମବାସୀ କହିଛନ୍ତି।




ଅବ୍ୟବସ୍ଥାଘେରରେ ପୁଞ୍ଜିସିଲ୍ ଅଙ୍ଗନୱାଡି କେନ୍ଦ୍ର।

**ମୌଳିକ ସମସ୍ୟା**

- ■ପାହାଡ଼ିଆ ରାସ୍ତା ସାଙ୍ଗକୁ ପାନୀୟ ଜଳ ଅଭାବ
- ■ସ୍କୁଲରେ ବିଭିନ୍ନ ସମସ୍ୟା, ମିଳୁନି ଆବାସ
- ■ଅଙ୍ଗନୱାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା ଅଭିଯୋଗ

## ସଂକ୍ଷେପରେ



### ବିରଳ ଶାଳିଆପତନି ଉଦ୍ଧାର

**ଉଦଳା, ୧୮।୧ (ଡି.ଏନ.ଏ.)-** ଉଦଳା ବନଖଣ୍ଡ ଅଧୀନ ଦୁଗୁଧା ଗ୍ରାମର ଗୌରୀ ଜେନାଙ୍କ ଘରୁ ଏକ ବିରଳ ପ୍ରଜାତିର ଶାଳିଆପତନି ଉଦ୍ଧାର ହୋଇଛି। ଖବର ପାଇ ଉଦଳା ରେଞ୍ଜ ଅଧିକାରୀ ଅଜୟ କୁମାର ଦାସ ଏବଂ ବନବିଭାଗ କର୍ମଚାରୀମାନେ ପହଞ୍ଚି ଉକ୍ତ ଶାଳିଆପତନିକୁ ଉଦ୍ଧାର କରିଥିଲେ। ତାହାର ଲମ୍ବ ପ୍ରାୟ ୩ ଫୁଟ୍ ହେବ। ଉଦ୍ଧାର ଶାଳିଆ ପତନି ବିରଳ ପ୍ରଜାତିର ହୋଇଥିବା ବେଳେ ଏହାକୁ ଶିମିଳିପାଳ ଅଭୟାରଣ୍ୟରେ ଛଡାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।

### ଏଲଇଡି ବଲ୍‌ବ ବଣ୍ଟନ

**ଗଞ୍ଜାମ,୧୮।୧(ଡି.ଏନ.ଏ.)-** ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ପିଠା କାର୍ଯ୍ୟକ୍ରମ ମାଧ୍ୟମରେ ମାଗଣା ଏଲଇଡି ବଲବ୍ ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଦିଲୀପ ଛୋଟରାଏଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ବିଡିଓ ଜ୍ୟୋତି ଶଙ୍କର ରାଏ, ଏବିଡିଓ ସାହେବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ତହସିଲ କର୍ମଚାରୀ, କୃଷି ବିଭାଗ ଅଧିକାରୀ, ସିଆର୍‌ସିସି ନିରଞ୍ଜନ ମହାପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ନମିତା ଶବର, ୱାର୍ଡସଭ୍ୟ ପବିତ୍ର ସ୍ୱାଇଁ, କୈଳାସ ପ୍ରଧାନ, କାମରାଜୁ ପ୍ରଧାନ, ବିଜୟ ପ୍ରଧାନ, ଜିଆର୍‌ଏସ କୈଳାସ ରଣା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଭାରତଲୀଳା ନାଟକ ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ନେଇ ସଚେତନ କରାଯାଇଥିଲା।

### ବିଧାୟକ ବାଣ୍ଟିଲେ କଳାକାର ଭତ୍ତା

**ପୋଲସରା, ୧୮।୧ (ଡି.ଏନ୍.ଏ.)** - ପୋଲସରା ବ୍ଲକ ପରିସରରେ ଥିବା ସମିତି ବୈଠକ ଗୃହରେ ଶୁକ୍ରବାର କଳାକାରମାନଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ସ୍ୱାଗତ କରି କଳା ସଂସ୍କୃତି ଏବଂ କଳାକାରଙ୍କୁ ବଞ୍ଚାଇ ରଖିଲେ କଳା ମଧ୍ୟ ବଞ୍ଚିବ ବୋଲି କହିଥିଲେ। ଶୁକ୍ରବାର ବିଧାୟକ ସାହୁ ୨୬ଟି ପଞ୍ଚାୟତରେ ମୋଟ ୯୩ ଜଣ ବିଭିନ୍ନ ପ୍ରକାର କଳାକାରମାନଙ୍କୁ ମାସିକ ୧୨ ଶହ ଟଙ୍କା ହିସାବରେ ୨ମାସର ୨୪ ଶହ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସମସ୍ତ କଳାକାର ବିଧାୟକ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ପୋଲସରା ବିଡିଓ ଶମ୍ଭୁନାଥ ନନ୍ଦି, ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋପାଳ କୃଷ୍ଣ ଗୌଡ଼, ବ୍ଲକ ବିଜେଡି ସମ୍ପାଦକ ଅଶୋକ ବିଶୋୟୀଙ୍କ ସମେତ ବହୁ କଳାକାର ଅଂଶଗ୍ରହଣ କରିଥିଲେ।

## ■ କନ୍ଧମାଳ ମହୋତ୍ସବ ଉଦ୍‌ଘାଟିତ

# କଳା ସଂସ୍କୃତି ଐତିହ୍ୟର ପରିପ୍ରକାଶ ମହୋତ୍ସବ

**ଫୁଲବାଣୀ ଅଫିସ, ୧୮।୧**

ଫୁଲବାଣୀରେ କନ୍ଧମାଳ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କଳା ସଂସ୍କୃତି ଏବଂ ଐତିହ୍ୟକୁ ପରିପ୍ରକାଶ କରିବା ହେଉଛି ଏହି ମହୋତ୍ସବ ବୋଲି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମ ଉନ୍ନୟନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଫୁଲବାଣୀ ବିଧାୟକ ଦୁଗୁନୀ କହଁର, ବାଲିଗୁଡା ବିଧାୟକ ରାଜୀବ ପାତ୍ର,



ଉତ୍ସବରେ ଉପସ୍ଥିତ ଅତିଥି।

ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ଜିଲାପାଳ ଡା.ବୃନ୍ଦା ଡି ପ୍ରମୁଖ ଯୋଗ ଦେଇଥିଲେ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଜିଲାରେ ବହୁ ସ୍ଥାନ ରହିଛି। ସାରା ଦେଶ ବିଦେଶରୁ ପର୍ଯ୍ୟଟକମାନେ ଏଠାକୁ ଆସି ଆମ ପରମ୍ପରାକୁ ଉପଭୋଗ କରୁଛନ୍ତି। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଛାତ୍ର ବିଜେଡି ପକ୍ଷରୁ ସ୍ୱାକ୍ଷର ଅଭିଯାନ

**ଆସିକା, ୧୮।୧ (ଡି.ଏନ୍.ଏ):** ରାଜ୍ୟର ଅନୁସୂଚିତ ଜାତିର ଛାତ୍ରୀଛାତ୍ରଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଅନୁଦାନ ନିତିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଶୁକ୍ରବାର ଆସିକା ବ୍ଲକ ଛାତ୍ର ବିଜେଡି ପକ୍ଷରୁ ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିଜୁ ଛାତ୍ର ଜନତାଦଳ ରାଜ୍ୟ ସମ୍ପାଦକ ମନୋଜ କୁମାର ଦୋରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ଦେବରାଜ ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ ଚର୍ଚ୍ଚି, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଯୁବ ବିଜେଡି ସଭାପତି ଅନିଲ କୁମାର ନାୟକ, ନଗର ବିଜେଡି ସଭାପତି ନିଗମାନନ୍ଦ ମହାନ୍ତି, ଛାତ୍ରଜନତା ନଗର ସଭାପତି ନିଗମାନନ୍ଦ ରାଉତ, ବ୍ଲକ ସଭାପତି ବିମଳ ପ୍ରଧାନ, ଜିଲା ସମ୍ପାଦକ ଶଙ୍କର ପାଳ ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ଆସିକା ବିଜ୍ଞାନ ମହାବିଦ୍ୟାଳୟ ଓ ନିରଞ୍ଜନ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। କେନ୍ଦ୍ର ସରକାର ବୈମାତୃକ ମନୋଭାବ ନିନ୍ଦା କରାଯାଇଥିଲା।

# ରୋଗୀ ମୃତ୍ୟୁକୁ ନେଇ ରାସ୍ତାରୋକୋ



ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

**ପାତ୍ରପୁର,୧୮।୧(ଡି.ଏନ୍.ଏ.)**

ଖାରିଆଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନ ଥିବାରୁ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ଶୁକ୍ରବାର ଖାରିଆଗୁଡ଼ାରେ ରାସ୍ତାରୋକୋ କରାଯାଇଥିଲା। ଖବର ପାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ପହଞ୍ଚି ଡାକ୍ତର ପଦବୀ ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ। ମୁକୁନ୍ଦପୁର ଗ୍ରାମର ଏମ୍ କୁତୁଲି ଗୁରୁବାର ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉକ୍ତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପୂର୍ବରୁ ଆୟୁଷ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ତାଙ୍କୁ ଚିକିତ୍ସା ସୁବିଧା ମିଳିନଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଶୁକ୍ରବାର ସକାଳେ ଗ୍ରାମବାସୀ ପହଞ୍ଚି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।

# ମାମାର ଅସ୍ତ୍ରୋପଚାର ପାଇଁ ପହଞ୍ଚିଲେ ଆରବିଏସ୍‌କେ ଟିମ୍



ଝୁମୁରୀ ଓ ମାମା।

**ବେଗୁନିଆପଡ଼ା,୧୮।୧(ଡି.ଏନ.ଏ.)**

ଷଣ୍ଢମୂଳ ଗ୍ରାମର ଟ୍ୟୁମରରେ ପୀଡ଼ିତା ୪ ବର୍ଷର ନାବାଳିକା ମାମାର ଅସ୍ତ୍ରୋପଚାର ପାଇଁ ଶୁକ୍ରବାର କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆରବିଏସ୍‌କେ ଟିମ ପହଞ୍ଚିଛନ୍ତି। ଉକ୍ତ ଗ୍ରାମର ନିରଞ୍ଜନ ନାୟକ ସ୍ତ୍ରୀ ଝୁମୁରୀ ନାୟକଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ ଥିବା ବେଳେ ସ୍ୱାମୀ ଜଣେ ମସ୍ତିସ୍କ ବିକୃତ। ପରିବାର ଚଳାଇବା କଷ୍ଟକର ହେବାରୁ ଝୁମୁରୀ ବାପଘର ସ୍ଥାନୀୟ ବ୍ଲକର ନିମିନା ଗ୍ରାମରେ ରହି ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାନ୍ତି। ଏପରି ସ୍ଥିତିରେ ମାମାର ପେଟରେ ଏକ ମାଂସ ପିଣ୍ଡୁଳା ହେବା ପରେ ପ୍ରଥମେ ସୁମଣ୍ଡଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପିଲାଟିକୁ ୨ ବର୍ଷ ହେଲେ ଅସ୍ତ୍ରୋପଚାର କରିବା ପାଇଁ ଡାକ୍ତର କହିଥିଲେ। ଅସ୍ତ୍ରୋପଚାର ପାଇଁ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଝୁମୁରୀଙ୍କୁ ୧୦ ହଜାର ଟଙ୍କା ସହାୟତା ରାଶି ମିଳିଥିଲା। କିନ୍ତୁ ଏଥିରୁ ଅସ୍ତ୍ରୋପଚାର ସମ୍ଭବ ହୋଇନଥିବାରୁ ସେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇନଥିଲେ। ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶରେ କୋଦଳା ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଟିମ ଆୟୁଷ ଡାକ୍ତର ଜୟଦେବ ନାୟକ ଓ ପ୍ରିୟମ୍ବଦା ଜେନା ଟିମ ସହ ଝୁମୁରୀଙ୍କ ଘରେ ପହଞ୍ଚିଥିଲେ। ମାମାର ସ୍ୱାସ୍ଥ୍ୟ ଦେଖିବା ସହ ଶୀଘ୍ର ପ୍ରସ୍ତୁତ ହୋଇ ଖବର ଦେଲେ ସେମାନେ ଆସି ମାମାଙ୍କୁ ନେଇ ସରକାରଙ୍କ ତରଫରୁ ମାଗଣାରେ ଅସ୍ତ୍ରୋପଚାର ଓ ଚିକିତ୍ସା କରାଇବା ପାଇଁ କହିଥିଲେ।

# ବ୍ୟବସାୟୀଙ୍କ ଉପରକୁ ଗୁଳିମାଡ଼

## ଅଳ୍ପକେ ବର୍ତ୍ତିଲେ, ଗାଡ଼ିର କାଚ ଭାଙ୍ଗିଲା

**ଆନନ୍ଦପୁର/ଘସିପୁରା, ୧୮।୧(ସ୍ୱ.ପ୍ର.)**



ଗାଡିର କାଚ ଭାଙ୍ଗି ଯାଇଛି।

ଘସିପୁରା ଥାନା ଅନ୍ତର୍ଗତ ବେଲବାହାଳୀ ବଜାରରେ ଶୁକ୍ରବାର କେତେକ ଦୁର୍ବୃତ୍ତ ଜଣେ ବ୍ୟବସାୟୀଙ୍କ ଉପରକୁ ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଘସିପୁରା ଗ୍ରାମର ବ୍ୟବସାୟୀ ନିରଞ୍ଜନ ସାହୁ(୪୦) ଓ ତାଙ୍କ କର୍ମଚାରୀ ଟୁକୁନା ବ୍ୟବସାୟୀକ କାର୍ଯ୍ୟରେ ଯାଜପୁର ଯାଇ ଘରକୁ ଫେରୁଥିଲେ। ସେହି ସମୟରେ ବେଲବାହାଳି ବଜାରଠାରେ କେତେକ ଦୁର୍ବୃତ୍ତ ସେମାନଙ୍କ ଉପରକୁ ୨ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଏଥିରେ ବ୍ୟବସାୟୀ ସାହୁଙ୍କ ସହ କର୍ମଚାରୀଙ୍କ କୌଣସି କ୍ଷତି ହୋଇ ନ ଥିବାବେଳେ ସେମାନେ ଯାଉଥିବା ଓଡ଼ି ୦୨ଏଏ-୫୦୬୦ ନଂ ବିଶିଷ୍ଟ ସ୍କର୍ପିଓର କାଚ ଭାଙ୍ଗି ଯାଇଛି। ଏ ନେଇ ଘସିପୁରା ଥାନାରେ ଅଭିଯୋଗ ହୋଇଛି। ଘଟଣାର ସତ୍ୟାସତ୍ୟ ନେଇ ପୋଲିସ ତଦନ୍ତ କରୁଛି। ଘସିପୁରା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ପ୍ରକାଶ ପାଉଥିବା ବେଳେ ପୋଲିସ ପକ୍ଷରୁ ହିଂସାକାଣ୍ଡକୁ ରୋକିବା ସହ ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି।

# ଚିକିତ୍ସା ଅବହେଳାରୁ ନବଜାତ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ

**ଭଦ୍ରକ ଅଫିସ, ୧୮।୧**

ଭଦ୍ରକ ଜିଲା ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ନବଜାତ ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତିହିଡ଼ି ଅଞ୍ଚଳର ଜଣେ ଗର୍ଭବତୀ ମହିଳାଙ୍କୁ ଗତ ବୁଧବାର ଜିଲା ଚିକିତ୍ସାଳୟରେ ଡାକ୍ତର ସମୟ ହୋଇ ନ ଥିବା କହି ଫେରାଇ ଦେଇଥିଲେ। ଗୁରୁବାର ପ୍ରସବ ଜନିତ ଯନ୍ତ୍ରଣା ହେବାରୁ ମହିଳାଙ୍କୁ ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନରେ ସେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ତିହିଡ଼ି ଡାକ୍ତର ଅନ୍ୟ ଏକ ଛୁଆ ଥିବା କହି ଭଦ୍ରକ ସ୍ଥାନାନ୍ତର କରିଥିଲେ। ତିହିଡ଼ିରୁ ଏକ ସ୍ୱତନ୍ତ୍ର ଗାଡ଼ିରେ ଭଦ୍ରକ ସ୍ଥାନାନ୍ତର ବେଳେ ରାସ୍ତାରେ ଅନ୍ୟ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଶିଶୁଙ୍କୁ ଧରି ଭଦ୍ରକ ଜିଲା ଚିକିତ୍ସାଳୟ ପ୍ରସବ ୱାର୍ଡରେ ପହଞ୍ଚିବା ପରେ ରାସ୍ତାରେ ଜନ୍ମ ହୋଇଥିବା ଶିଶୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବୁଧବାର ଜିଲା ଚିକିତ୍ସାଳୟରେ ଉପଯୁକ୍ତ ଚିକିତ୍ସା କରାଯାଇଥିଲେ ତାଙ୍କ ଶିଶୁପୁତ୍ର ବଞ୍ଚିଥାନ୍ତେ ବୋଲି ପରିବାର ଲୋକେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଏ ନେଇ ମେଡିକାଲରେ କୌଣସି ଅଭିଯୋଗ ହୋଇ ନାହିଁ। ସମ୍ପୃକ୍ତ ମହିଳା ଓ ଜଣେ ଶିଶୁପୁତ୍ର ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

# ୧୪୮ ଜିଆର୍‌ଏସ୍ ବହିଷ୍କୃତ

**ଭଦ୍ରକ ଅଫିସ, ୧୮।୧**

ଭଦ୍ରକ ଜିଲା ବିଭିନ୍ନ ବ୍ଲକର ୧୪୮ ଜିଆର୍‌ଏସ୍ (ଗ୍ରାମରୋଜଗାରସେବକ)ଙ୍କୁଶୁକ୍ରବାରଜିଲାପାଳଚାକିରିରୁ ବହିଷ୍କୃତ କରିଛନ୍ତି। ସେମାନେ କାର୍ଯ୍ୟରେ ଯୋଗ ନ ଦେଇ ଆନ୍ଦୋଳନରେ ସାମିଲ ଥିବାରୁ ବହିଷ୍କୃତ କରାଯାଇଥିବା ଜିଲାପାଳ ଜ୍ଞାନରଞ୍ଜନ ଦାସ ସୂଚନା ଦେଇଛନ୍ତି।






## ■ ନାବାଳିକା ଅପହରଣ ମାମଲା

# ଦୋଷୀଙ୍କୁ ୧୦ ବର୍ଷ ଜେଲ୍

**ବାଲେଶ୍ୱର ଅଫିସ,୧୮।୧**

> ■ ଜିଲାରେ ପ୍ରଥମଥର କାର୍ଯ୍ୟକାରୀ ହେଲା ବାଲ୍ୟ ବିବାହ ନିରୋଧ ଆଇନ

ଏକ ନାବାଳିକା ଅପହରଣ ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଦୌରାଜଜ୍ କମ୍ ପୋକ୍ସୋ ସ୍ପେଶାଲ ଜଜ୍ ଅଜନ୍ତା ଷଡ଼ଙ୍ଗୀ ଶୁକ୍ରବାର ଜିଲାରେ ପ୍ରଥମଥର ପାଇଁ ବାଲ୍ୟ ବିବାହ ନିରୋଧ ଆଇନ୍ ଅନୁଯାୟୀ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୧୦ବର୍ଷ ଜେଲ୍‌ଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦାୟ ଆଉ ୩ମାସ ଜେଲ୍ ଭୋଗିବାକୁ ରାୟରେ କୁହାଯାଇଛି।

ବସ୍ତା ଥାନା ମୁକୁଲୁସି ପଞ୍ଚାୟତ ଦରଡ଼ା ଗ୍ରାମର ଅନିରୁଦ୍ଧ ପାତ୍ର (୨୬) ୨୦୧୬ ଏପ୍ରିଲ ୧୫ତାରିଖରେ ମୟୂରଭଞ୍ଜ ଜିଲା ମୁରୁଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପରିବାର ଲୋକଙ୍କ ଅଜ୍ଞାତରେ ଅପହରଣ କରି ଆଣିଥିଲେ। ସେ ବାରିପଦାସ୍ଥିତ ଏକ ମନ୍ଦିରରେ ଶଙ୍ଖାସିନ୍ଦୂର ପିନ୍ଧାଇ ବିବାହ କରି ନିଜ ଗ୍ରାମ ଦରଡ଼ାକୁ ଏପ୍ରିଲ ୧୬ ତାରିଖରେ ନେଇଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଚାଇଲ୍ଡ ହେଲ୍‌ପଲାଇନ୍‌ରେ ଅଭିଯୋଗ କରିଥିଲେ। ଚାଇଲ୍ଡ ହେଲ୍‌ପଲାଇନ୍ ବିଭାଗ ଏବଂ ବସ୍ତା ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ ମିଳିତ ଉଦ୍ୟମରେ ଏପ୍ରିଲ ୧୯ ତାରିଖରେ ଦରଡ଼ା ଗ୍ରାମର ଅନିରୁଦ୍ଧଙ୍କ ଭଉଣୀ ଘରୁ ନାବାଳିକାଙ୍କୁ ଉଦ୍ଧାର କରାଯାଇ ବାଲେଶ୍ୱର ଜିଲା ଶିଶୁ ମଙ୍ଗଳ କମିଟି ଜିମା ଦିଆଯାଇଥିଲା। ଏ ନେଇ ଏପ୍ରିଲ ୨୦ତାରିଖରେ ବସ୍ତା ଶିଶୁ ବିକାଶ ଯୋଜନା ଅଧିକାରୀ ଚମ୍ପାମଣି ମୁର୍ମୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବସ୍ତା ଥାନାରେ ମାମଲା (ନଂ. ୯୯/୨୦୧୬) ରୁଜୁ କରାଯାଇ ଅଭିଯୁକ୍ତ ଅନିରୁଦ୍ଧଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଶୁକ୍ରବାର ଏହି ମାମଲାରେ ଜଜ୍ ୧୨ଟି ସାକ୍ଷୀ ଓ ୧୫ ଦସ୍ତାବିଜ୍‌କୁ ବିଚାରକୁ ନେଇ ଏହି ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀ ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରିଥିଲେ।








2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ